Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 48

ସାପ୍ତାହିକ ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 30 ନଭେମ୍ବର 2017 30 ନବୁଓ୍ୱତ୍ 1396 ହି.ଶ 11 ରବିଉଲ୍ ଅଓ୍ୱଲ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିʼଉମ୍‌ରିହି ଓ୍ୱ ଅମ୍‌ରିହି ॥

**ତାହା ଏପରି ଗୋଟିଏ ନିର୍ଜନ ଷ୍ଟେସନ୍ ଥିଲା ଯେ ବସିବା ପାଇଁ ଖଟିଆ ଟିଏ ମଧ୍ୟ ନଥିଲା । ସେଠାରେ ରୋଟି ପାଣିର ବ୍ୟବସ୍ଥା ନଥିଲା । କିନ୍ତୁ ପେଶ୍‌ଗୋଇ ପୁରଣ ହୋଇଯିବା ଯୋଗୁଁ ମୋତେ ଏତେ ଖୁସି ଲାଗିଲା ଯେ ଯେପରି କେହି ଜଣେ ମୋତେ ଏହି ନିର୍ଜନ ସ୍ଥାନରେ ନିମନ୍ତ୍ରଣ ଦେଇଛି । ଯେପରି ପ୍ରତ୍ୟେକ ପ୍ରକାରର ସୁସ୍ୱାଦୁ ଭୋଜନ ଆମକୁ ଏଠାରେ ମିଳିଯାଇଛି ।**

# ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

**୯୪-ଚୌରାନବେତମ ନିଦର୍ଶନ** - ଏକଦା ମୁଁ ଲୁଧିଆନାରୁ ରେଳଗାଡ଼ି ଜରିଆରେ କାଦିଆନ୍ ଆଡ଼କୁ ଆସୁଥିଲି ଏବଂ ମୋ ସହିତ ଶେଖ୍ ହାମିଦ୍ ଅଲୀ ମୋର ଅନୁଚର ଏବଂ ଆଉ କିଛି ଲୋକ ମଧ୍ୟ ଥିଲେ । ଯେତେବେଳେ ଆମେ କିଛି ରାସ୍ତା ଅତିକ୍ରମ କରିସାରିଥିଲୁ ସେତେବେଳେ ମୋତେ ଟିକେ ଆଖି ଲାଗିଗଲା ଓ ମୋତେ ଏଲ୍‌ହାନ୍ ହେଲା ନିସଫ୍‌ତରା ନିସଫ୍ ଅମାଲିକ୍ ରା ଏବଂ ସଙ୍ଗେ ସଙ୍ଗେ ମୋ ହୃଦୟରେ ଏକଥା ମଧ୍ୟ ପକାଇ ଦିଆଗଲା ଯେ ଏହା ଓରାସତ୍(ପୈତୃକ ସମ୍ପତି)ର ଭାଗ ଅଟେ ଯେ କୌଣସି ଉତରାଧିକାରୀର ମୃତ୍ୟୁ ଦ୍ୱାରା ତାହା ସବୁ ଆମକୁ ମିଳିଯିବ । ଏବଂ ମନରେ ଏକଥା ମଧ୍ୟ ପକାଇ ଦିଆଗଲା ଯେ ଅମାଲିକ୍‌ର ଅର୍ଥ ହେଉଛି ମୋର ଚାଚା ପୁଅ ଭାଇ, ଯିଏ ବିରୋଧ ମଧ୍ୟ କରୁଛନ୍ତି ଏବଂ ଉଚ୍ଚତାରେ ମଧ୍ୟ ଲମ୍ବା ଅଟନ୍ତି । ଏହିପରି ଖୁଦା ମୋତେ ମୁସା ବନାଇଦେଲେ ଏବଂ ତାଙ୍କୁ ମୁସାଙ୍କର ବିରୋଧି । ଯେତେବେଳେ ମୁଁ କାଦିଆନ୍ ପହଂଚିଲି ସେତେବେଳେ ଜାଣିବାକୁ ପାଇଲି ଯେ ଆମ ଶୋରକାଆ(ଭାଗିଦାରୀ)ଙ୍କ ମଧ୍ୟରୁ ଜଣେ ମହିଳା ଯାହାଙ୍କ ନାମ ଇମାମ୍ ବିବି ଥିଲା ଓ ତାଙ୍କର ଲିଭର୍ ଖରାପ ହେବା ଯୋଗୁ ତରଳ ଝାଡ଼ା ହେଉଥିଲା, ସୁତରାଂ ସେ କିଛି ଦିନ ପରେ ମରିଗଲେ । ଏବଂ ଆମ ଦୁଇ ଦଳଙ୍କ ବ୍ୟତୀତ ତାଙ୍କ କୌଣସି ଉତରାଧିକାରୀ ନଥିଲେ । ସେଥିଯୋଗୁଁ ତାଙ୍କ ଜମିବାଡ଼ିରୁ ଅଧା ଆମ ଭାଗରେ ପଡ଼ିଲା ଏବଂ ଆଉ ଅଧା ଜମି ଆମ ଚାଚାଙ୍କ ପୁଅଙ୍କ ଭାଗରେ ପଡ଼ିଲା । ଏହିପରି ସେହି ପେଶ୍‌ଗୋଇଟି ପୁରଣ ହୋଇଗଲା । ଯାହାକୁ ପୁରଣ ହେବାର ଏବଂ ତାକୁ ବର୍ଣ୍ଣନା କରିବା ପାଇଁ ଗୋଟିଏ ଯମାତ୍ ସାକ୍ଷୀ ଅଛି ଏବଂ ନିଜେ ଶେଖ୍ ହାମିଦ୍ ଅଲୀ ମଧ୍ୟ ଜୀବିତ ଅଛନ୍ତି ।

**୯୫-ପଂଚାନବେତମ ନିଦର୍ଶନ**- ଏକଦା ମୋତେ ଲୁଧିଆନାରୁ ପଟିଆଲା ଯିବା ପାଇଁ ମୌକା ମିଳିଲା ଏବଂ ମୋ ସହିତ ସେହି ବ୍ୟକ୍ତି ଶେଖ୍ ହାମିଦ୍ ଅଲୀ ଏବଂ ଦ୍ୱିତୀୟ ବ୍ୟକ୍ତି ଯାହାଙ୍କ ନାମ ଫତାହ୍ ଖାନ୍ । ସେ ଜିଲା ହୁସିଆରପୁର ସହିତ ସଂଲଗ୍ନ ଗୋଟିଏ ଗ୍ରାମ ଟାଣ୍ଡାର ନିବାସୀ ଥିଲେ । ତୃତୀୟ ବ୍ୟକ୍ତି ଯାହାଙ୍କ ନାମ ଅବ୍‌ଦୁର୍ ରହିମ୍ ଏବଂ ତାଙ୍କର ଘର ଅମ୍ବାଲା ଛାଉଣୀରେ ଥିଲା ଓ ଆଉ କିଛି ଲୋକ ମଧ୍ୟ ଥିଲେ ଯାହାଙ୍କ ନାମ ମୋର ମନେନାହିଁ । ଯେଉଁଦିନ ସକାଳେ ଆମକୁ ରେଳରେ ବସିବାର ଥିଲା । ମୋତେ ଏଲ୍‌ହାନ୍ ଦ୍ୱାରା ବତାଇ ଦିଆଯାଇଥିଲା ଯେ ଏହି ସଫର୍‌ରେ କିଛି କ୍ଷତି ହେବ ଓ କିଛି ଅସୁବିଧା ମଧ୍ୟ ହେବ । ମୁଁ ମୋର ସାଥିରେ ଥିବା ଲୋକମାନଙ୍କୁ ମଧ୍ୟ କହିଲି ଯେ ନମାଜ ପଢ଼ି ଦୁଆ କରିନିଅନ୍ତୁ । କାରଣ ମୋତେ ଏପରି ଏଲ୍‌ହାମ୍ ହୋଇଛି । ସୁତରାଂ ସମସ୍ତେ ଦୁଆ କଲେ ଏବଂ ପୁଣି ଆମେ ରେଳଗାଡ଼ିରେ ଚଢ଼ି କୁଶଳ ମଙ୍ଗଳ ସହିତ ପଟିଆଲାରେ ପହଂଚିଗଲୁ । ଯେତେବେଳେ ଆମେ ଷ୍ଟେସନ୍‌ରେ ପହଂଚିଲୁ ରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ଖଲିଫା ମହମ୍ମଦ୍ ହସନ୍ ନିଜ ରାଜ୍ୟର ସମସ୍ତ କର୍ମୀମାନଙ୍କୁ ସାଥିରେ ନେଇ, ବୋଧହୁଏ ସେମାନେ ୧୮ଟି ଗାଡ଼ିରେ ସବାରି କରିଥିଲେ । ଆମକୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ ଏବଂ ଆମେ ଯେତେବେଳେ ଆଗକୁ ବଢ଼ିଲୁ ବୋଧହୁଏ ପାଖାପାଖି ସାତହଜାର୍ ସହରର ସାଧାରଣ ଓ ବିଶେଷ ଲୋକେ ସାକ୍ଷାତ୍ କରିବା ପାଇଁ ଉପସ୍ଥିତ ଥିଲେ । ଏପରି ଭବ୍ୟ (ଗସ୍ତ) ଥିଲା ଯେ ନା କୌଣସି କ୍ଷତି ପଂହଚିଲା ନା କୌଣସି ଅସୁବିଧା ହେଲା । କିନ୍ତୁ ଯେତେବେଳେ ଆମେ ଫେରିଲୁ ସେତେବେଳେ ସେହି ମନ୍ତ୍ରୀ ସାହେବ୍ ନିଜ ଭାଇ ସୟଦ୍ ମହମ୍ମଦ୍ ହୁସେନ୍ ସାହେବଙ୍କ ସହିତ ଯିଏ ବୋଧହୁଏ ବର୍ତମାନ କାଉନ୍‌ସିଲ୍‌ର ମେମ୍ବର୍ ଅଛନ୍ତି, ମୋତେ ରେଳରେ ବସାଇବା ପାଇଁ ମୋ ସହିତ ଷ୍ଟେସନ୍ ଗଲେ ଏବଂ ତାଙ୍କ ସହିତ ନଓ୍ୱାବ୍ ଅଲୀ ମହମ୍ମଦ୍ ଖାନ୍ ସାହେବ୍ ମରହୁମ୍ ଝଝର୍‌ଓ୍ୱାଲେ ମଧ୍ୟ ଥିଲେ । ଯେତେବେଳେ ଆମେ ଷ୍ଟେସନ୍‌ରେ ପହଂଚିଲୁ ଓ ଟ୍ରେନ୍ ଛାଡ଼ିବା ପାଇଁ କିଛି ସମୟ ବାକିଥିଲା ମୁଁ ଏହି ଇଚ୍ଛା କଲି ଯେ ଅସର୍ ନମାଜ ଏଠାରେ ପଢ଼ିନେବି । ସେଥିପାଇଁ ମୁଁ ଚୋଗା(କୋଟ୍) ବାହାର କରି ଓ୍ୱଜୁ କରିବାକୁ ଚାହିଁଲି ଏବଂ ଚୋଗା(କୋଟ୍)କୁ ମନ୍ତ୍ରୀସାହେବ୍‌ଙ୍କର ଜଣେ କର୍ମୀଙ୍କ ହାତରେ ଧରାଇଦେଲି ଏବଂ ପୁଣି ଚୋଗା ପିନ୍ଧି ନମାଜ ପଢ଼ିନେଲି । ଏହି ଚୋଗା ରେ ରାସ୍ତାଖର୍ଚ୍ଚ ନିମନ୍ତେ କିଛି ଟଙ୍କା ଥିଲା । ସେଥିରୁ ରେଳ ଭଡ଼ା ମଧ୍ୟ ଦେବାର ଥିଲା । ଯେତେବେଳେ ଟିକେଟ୍ ନେବାର ସମୟ ଆସିଲା ଓ ମୁଁ ଟିକେଟ୍ ପଇସା ଦେବା ପାଇଁ ପକେଟ୍‌ରେ ହାତ ପୁରାଇଲି । ସେଥିରୁ ମୁଁ ଜାଣିପାରିଲି ଯେ ଯେଉଁ ରୁମାଲ୍‌ରେ ଟଙ୍କା ଥିଲା ତାହା ହଜିଯାଇଛି । ଜଣାପଡୁଛି ଯେ ଚୋଗା(କୋଟ୍)ବାହାର କରିବା ସମୟରେ କେଉଁଠି ତାହା ଗଳିପଡ଼ିଛି । ମୋତେ ଦୁଃଖ ହେବା ପରିବର୍ତେ ଖୁସି ଲାଗିଲା ଯେ ପେଶ୍‌ଗୋଇର ଗୋଟିଏ ଭାଗ ପୁରା ହୋଇଗଲା । ପୁଣି ଆମେ ଟିକେଟ୍‌ର ବନ୍ଦୋବସ୍ତ କରି ରେଳରେ ବସିଗଲୁ । ଯେତେବେଳେ ଆମେ ଦୋରାହିଆ ଷ୍ଟେସନ୍‌ରେ ପହଂଚିଲୁ ବୋଧହୁଏ ସେତେବେଳେ ରାତି ଦଶଟା ବାଜିଥିଲା । ସେଠାରେ କେବଳ ପାଂଚମିନିଟ୍ ପାଇଁ ରେଳ ରହୁଥିଲା । ମୋ ସାଙ୍ଗରେ ଯାଉଥିବା ଜଣେ ବ୍ୟକ୍ତି ଶେଖ୍ ଅବ୍‌ଦୁର୍ ରହିମ୍ ଜଣେ ଅଂଗ୍ରେଜ୍‌କୁ ପଚାରିଲେ- କଣ ଲୁଧିଆନା ଆସିଗଲା ? ସେ ଦୁଷ୍ଟାମିରେ ବା ଆଉ କୌଣସି ସ୍ୱାର୍ଥପରତା ଦୃଷ୍ଟିରୁ ଉତର ଦେଲା ଯେ ହଁ ଆସିଯାଇଛି । ତେଣୁ ଆମେ ଆମର ସମସ୍ତ ଜିନିଷପତ୍ର ସହିତ ଶିଘ୍ର ଓହ୍ଲାଇପଡ଼ିଲୁ । ଏ ସମୟରେ ରେଳ ଛାଡ଼ିଦେଲା । ଓହ୍ଲାଇବା କ୍ଷଣି ଏହା ଗୋଟିଏ ନିର୍ଜନ ଷ୍ଟେସନ୍‌କୁ ଦେଖି ଜାଣିପାରିଲୁ ଯେ ଆମ ସହିତ ଧୋକା ହୋଇଛି । ତାହା ଏପରି ଗୋଟିଏ ନିର୍ଜନ ଷ୍ଟେସନ୍ ଥିଲା ଯେ ବସିବା ପାଇଁ ଖଟିଆ ଟିଏ ମଧ୍ୟ ମିଳିନଥିଲା । ସେଠାରେ ରୋଟି ପାଣିର ବ୍ୟବସ୍ଥା ନଥିଲା । କିନ୍ତୁ ଏପରି ଘଟଣା ଘଟିବା ଯୋଗୁ ପେଶ୍‌ଗୋଇର ଦ୍ୱିତୀୟ ଭାଗ ମଧ୍ୟ ପୁରା ହୋଇଗଲା । ଏଥିରେ ମୋତେ ଏତେ ଖୁସି ଲାଗିଲା ଯେ ଯେପରି କେହି ଜଣେ ମୋତେ ଏହି ନିର୍ଜନ ସ୍ଥାନରେ ନିମନ୍ତ୍ରଣ ଦେଇଛି ଓ ପ୍ରତ୍ୟେକ ପ୍ରକାରର ସୁସ୍ୱାଦୁ ଭୋଜନ ଆମକୁ ଏଠାରେ ମିଳିଯାଇଛି । ଏହାପରେ ଷ୍ଟେସନ୍ ମାଷ୍ଟର୍ ନିଜ ପ୍ରକୋଷ୍ଠରୁ ବାହାରକୁ ଆସିଲେ । ସେ ବହୁତ ଦୁଃଖ ଅନୁଭବ କଲେ ଯେ ବିନା କାରଣର ଦୁଷ୍ଟାମି ଯୋଗୁ ଆପଣମାନଙ୍କୁ ଅସୁବିଧା ପହଂଚିଛି ଏବଂ କହିଲେ ଯେ ମଧ୍ୟରାତ୍ରିରେ ଗୋଟିଏ ମାଲ୍‌ଗାଡ଼ି ଆସିବ । ଯଦି ସମ୍ଭବ ହେବ ତେବେ ମୁଁ ସେଥିରେ ବସାଇଦେବି । ତା ପରେ ସେ ଏ ବିଷୟ ଜାଣିବା ପାଇଁ ଟେଲିଗ୍ରାମ୍ କଲେ । ଉତର ଆସିଲା ଯେ ଯାଗା ଅଛି । ତେବେ ଯାଇ ଆମେ ମଧ୍ୟ ରାତ୍ରିରେ ଗାଡ଼ିରେ ଚଢ଼ି ଲୁଧିଆନା ପହଂଚିଲୁ । ଯେପରି ଏହି ସଫର୍ ଉକ୍ତ ପେଶ୍‌ଗୋଇ ନିମନ୍ତେ ଥିଲା ।

**୯୬-ଛୟାନବେତମ ନିଦର୍ଶନ**-ଏକଦା ନଓ୍ୱାବ୍ ଅଲୀ ମହମ୍ମଦ୍ ଖାନ୍ ମରହୁମ୍ ରଇସ୍ ଲୁଧିଆନା ମୋ ପାଖକୁ ଚିଠି ଲେଖିଲେ ଯେ ମୋର କିଛି ରୋଜଗାର ର ରାସ୍ତା ବନ୍ଦ୍ ହୋଇଯାଇଛି । ଆପଣ ଦୁଆ କରନ୍ତୁ ଯେ ତାହା ପୁନର୍ବାର ଖୋଲିଯାଉ । ଯେତେବେଳେ ମୁଁ ଦୁଆ କଲି ସେତେବେଳେ ମୋତେ ଏଲ୍‌ହାମ୍ ହେଲା-ଖୋଲିଯିବ । ମୁଁ ଚିଠି ଜରିଆରେ ତାଙ୍କ ପାଖକୁ ଏ ଖବର ପହଂଚାଇଦେଲି । ପୁଣି କେବଳ ଦୁଇଚାରିଦିନ ପରେ ସେହି ରୋଜଗାରର କାରଣ ଖୋଲିଗଲା । ସେଥିପାଇଁ ତାଙ୍କର ମୋ ଉପରେ ବହୁତ ବିଶ୍ୱାସ ବଢ଼ିଗଲା । ପୁଣିଥରେ ସେ ନିଜର କିଛି ଗୁପ୍ତ ଉଦ୍ଦେଶ୍ୟ ବିଷୟରେ ମୋ ପାଖକୁ ଚିଠି ଲେଖିଲେ । ଏବଂ ଯେଉଁ ସମୟରେ ସେ ଚିଠି ଡାକରେ ପକାଇଲେ ସେହି ସମୟରେ ମୋତେ ଏଲ୍‌ହାମ୍ ହେଲା ଯେ ଏହି ବିଷୟର ଚିଠି ତାଙ୍କ ପାଖରୁ ଆସିବାର ଅଛି । ସେତେବେଳେ ମୁଁ ତିଳେମାତ୍ର ବିଳମ୍ବ ନକରି ତାଙ୍କ ପାଖକୁ ଏ ଚିଠି ଲେଖିଲି ଯେ ଏହି ବିଷୟର ଚିଠି ଆପଣ ମୋ ପାଖକୁ ପଠାଇବେ । ଦ୍ୱିତୀୟ ଦିନ ସେହି ଚିଠି ଆସିଗଲା ଏବଂ ଯେତେବେଳେ ମୋ ଚିଠି ତାଙ୍କୁ ମିଳିଲା ସେ ଆଶ୍ଚର୍ଯ୍ୟ ହୋଇଗଲେ ଯେ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ତହିରିକେ ଯଦିଦ୍‌ର ୮୪ ତମ ବର୍ଷ ଶୁଭାରମ୍ଭର ବାକର୍‌କତ୍ ଘୋଷଣା ଏବଂ ଯମାତ୍ ଅହେମଦୀୟା ଭାରତର ଲୋକମାନଙ୍କୁ ନିବେଦନ

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବେନସ୍‌ରିହିଲ୍ ଅଜିଜ୍ ତା-୦୩-ନଭେମ୍ବର ୨୦୧୭ ରିଖ ଦିନ ନିଜ ଖୁତ୍‌ବାଜୁମାରେ ସୁରା ଆଲେ ଇମ୍‌ରାନ୍‌ର ଆୟତ ନଂ-୯୩ **ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନା ୱମା ତୁନ୍‌ଫିକୁ ମିନ୍ ଶଇଇନ୍ ଫଇନ୍ନଲ୍ଲାହା ବିହି ଅଲିମ୍** ର ତେଲାୱତ୍ କଲେ । ଏହାର ଅନୁବାଦ ଉପସ୍ଥାପନ କଲେ ''ତୁମେମାନେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନ କରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୂଣ୍ୟଲାଭ କରିପାରିବ ନାହିଁ ଏବଂ ତୁମେମାନେ ଯାହାକିଛି ବ୍ୟୟ କର ଅଲ୍ଲାଃ ତାହାକୁ ଭଲ ରୂପେ ଜାଣନ୍ତି'' ।

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବେନସ୍‌ରିହିଲ୍ ଅଜିଜ୍ କହିଲେ ଯେ ପବିତ୍ର କୋରାନ୍‌ର ଏହି ନିର୍ଦ୍ଦେଶ ଉପରେ ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ୱସଲମ୍ ଓ ଆପଣଙ୍କ ସାହାବାମାନେ ଅମଳ କଲେ ଏବଂ ପୁଣି ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ ଆଲୈହିସ୍ ସଲାମ୍ ଓ ଆପଣଙ୍କ ଅନୁଯାୟୀମାନେ ଏହା ଉପରେ ଅମଳ କଲେ । ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହିଲେ ଯେ ଆଜି ଯମାତ୍ ଅହେମଦୀୟା ଖୁଦାତାଲାଙ୍କ ମାର୍ଗରେ ଏପରି ମାଲି କୁର୍‌ବାନୀ (ଧନର ଉତ୍ସର୍ଗ) ପେଶ୍ କରିବା ପାଇଁ ଦୈବ ଯୋଗ ପ୍ରାପ୍ତ କରୁଅଛି ଯାହାଦ୍ୱାରା ଅହ୍‌ୟାଏ ଇସ୍‌ଲାମ୍ (ଇସ୍‌ଲାମ୍‌କୁ ଜିବୀତ କରିବା)ର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆମକୁ ତୌଫିକ୍(ଶକ୍ତି) ମିଳୁଅଛି । ଅଲ୍‌ହମ୍‌ଦୋଲିଲ୍ଲାଃ ।

ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହିଲେ ଯେ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା ଅଲ୍ଲାଃତାଲା ବହୁଗୁଣ ବଢ଼ାଇ ପ୍ରଦାନ କରିଥାଏ । ହଜୁର୍ ଅନୁୱର୍ ଆଫ୍ରିକା, ଆମେରିକା, କାନାଡ଼ା, ବ୍ରିଟେନ୍, ହିନ୍ଦୁସ୍ତାନ୍ ଇତ୍ୟାଦି ଦେଶର ଯମାତ୍ ଅହେମଦୀୟା ମାନଙ୍କ ଚାନ୍ଦା ତେହ୍‌ରିକ୍ ଯଦିଦ୍ ପ୍ରଦାନ କରିବାର ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣାଗୁଡିକ ବର୍ଣ୍ଣନା କଲେ ଯେ କିପରି ସେମାନେ ଅସାଧାରଣ କୁର୍ବାନୀ(ବଳିଦାନ) ପେଶ୍ କରିଛନ୍ତି । ଏବଂ ଏହା ଫଳରେ ଅଲ୍ଲାଃତାଲା ସେମାନଙ୍କ ଉପରେ ନିଜର ଅଗଣତି କୃପା ଓ ଅନୁଗ୍ରହ ପ୍ରଦାନ କରିଛନ୍ତି । ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହିଲେ ଯେ ଚାନ୍ଦା ତେହ୍‌ରିକ୍ ଯଦିଦ୍‌ରେ ଉନ୍ନତି ହେବା ସହିତ ଯୋଗଦାନକାରୀଙ୍କ ସଂଖ୍ୟା ମଧ୍ୟ ବଢୁଅଛି । ସେମାନଙ୍କ ମଧ୍ୟରେ ପୁରୁଷ, ମହିଳା ଏବଂ ପିଲାମାନେ ସମସ୍ତେ ସାମିଲ୍ ଅଛନ୍ତି । ଅଲ୍‌ହମ୍‌ଦୋଲିଲ୍ଲାଃ ।

ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଏହି ବାବର୍‌କତ୍ ଖୁତ୍‌ବା ଜୁମା ପ୍ରସଙ୍ଗରେ ପୁରୁଷ, ମହିଳା ଏବଂ ପିଲାମାନଙ୍କୁ ଅନୁରୋଧ କରାଯାଉଛି ଯେ ଏହି ବାବର୍‌କତ୍ ଇଲାହି ତେହ୍‌ରିକ୍ ''ତେହ୍‌ରିକ୍ ଯଦିଦ୍'' ରେ ନିଜ ନୂଆବର୍ଷର ୱାଦା (ପଣ/ ପ୍ରତିଜ୍ଞା)କୁ ପୂର୍ବରୁ ଅଧିକା କରି ଲେଖାନ୍ତୁ । ପୁଣି ତାର ପଇଠ ମଧ୍ୟ କରନ୍ତୁ । ନିଜ ଘର ଲୋକମାନଙ୍କର ମଧ୍ୟ ଅବଲୋକନ କରନ୍ତୁ କି ଯେପରି କୌଣସି ବ୍ୟକ୍ତି ଏହି ବାବର୍‌କତ୍ ଇଲାହି ତେହ୍‌ରିକ୍ ରେ ଭାଗ ନେବାପାଇଁ ବଂଚିତ ନରହିବେ ।

(ୱକିଲ୍ ଆଲା ତେହ୍‌ରିକ୍ ଯଦିଦ୍ କାଦିଆନ୍)

## ପବିତ୍ର କୋରାନ୍‌ର ନିୟମିତ ତେଲାୱତ୍(ପଠନ)କରନ୍ତୁ

ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହୁଛନ୍ତି-

''ଅଲ୍ଲାଃତାଲାଙ୍କ ଫଜଲ୍(କୃପା)ରୁ ଆମ୍ଭେ ଅହେମଦୀ ମୁସଲ୍‌ମାନ୍ ସମସ୍ତଙ୍କଠାରୁ ଅଧିକା ସୌଭାଗ୍ୟଶାଳୀ ଲୋକ । କାରଣ ଆମେ ଇମାମେୱକ୍ତ୍ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାତୋ ୱସଲାମ୍ ଙ୍କୁ ମାନିବା ପାଇଁ ତୌଫିକ୍ ପ୍ରାପ୍ତ ହୋଇଛି ।.........ଆମେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃତାଲା ନିଜର ବାବର୍‌କତ୍ ଓ ସମ୍ପୂର୍ଣ୍ଣ ଶରୀୟତ୍ ଜରିଆରେ ଆମର ମାର୍ଗଦର୍ଶନ କରୁଅଛି । ଯାହାକୁ ସେ ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ୱସଲ୍ଲମ୍‌ଙ୍କ ଉପରେ ପବିତ୍ର କୋରାନ୍ ରୂପରେ ଅବତୀର୍ଣ୍ଣ କରିଛନ୍ତି । ସେଥିଯୋଗୁ ଆମ ସମସ୍ତଙ୍କ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଆମେ ପବିତ୍ର କୋରାନ୍‌କୁ ପଠନ କରିବା କାରଣ କୋରାନ୍ ଆମ ସଫଳତା ଓ ଆମର ମୋକ୍ଷ ପ୍ରତି ମାର୍ଗ ଦର୍ଶନ କରୁଅଛି । ଏହା ହେଉଛି ସେହି ଆଧ୍ୟାତ୍ମିକ ଜ୍ୟୋତି ଯିଏ ଆମକୁ ବାସ୍ତବିକ ରୂପେ ଦୀନ୍(ଧର୍ମ)କୁ ଦୁନିଆ(ସଂସାର) ଉପରେ ଅଗ୍ରାଧିକାର ଦେବା ପାଇଁ ଶିକ୍ଷା ଦେଉଅଛି । ଏହା ହିଁ ଆମର ଶିକ୍ଷକ ଓ ଜୀବନ ପ୍ରକ୍ରିୟା....ତେଣୁ ଆମମାନଙ୍କ ଭିତରୁ ସମସ୍ତେ ଏ କଥାକୁ ନିଶ୍ଚିତ କରିବା ଉଚିତ୍ ଯେ ଆମେ ପବିତ୍ର କୋରାନ୍‌କୁ ନିୟମିତ ଭାବେ ପଠନ କରିବା, ଏହାର ଗଭୀର ଜ୍ଞାନକୁ ଶିଖିବା ପାଇଁ ଚେଷ୍ଟା କରିବା ଏବଂ ଏହାର ପ୍ରତ୍ୟେକ ଶିକ୍ଷା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବା । ଆଜି ଯଦି ଆମର ହୃଦୟ ଓ ବୁଦ୍ଧି ପବିତ୍ର ଓ ସ୍ୱଷ୍ଟ ହୋଇପାରିବ ଏବଂ ଆମ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି ହୋଇପାରିବ ତେବେ ଏହା କେବଳ ଅଲ୍ଲାଃତାଲାଙ୍କ ବାଣୀକୁ ପଢ଼ିବା ଓ ବୁଝିବା ଫଳରେ ହିଁ ସମ୍ଭବ ହେବ'' ।

(ତା-୨୬ ସେପ୍ଟେମ୍ବର୍ ୨୦୧୬ ରିଖ ଦିନ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଇଂଲଣ୍ଡ୍‌ର ଜାତୀୟ ଇଜିତେମା ଅବସରରେ ଉଦ୍‌ଯାପନୀ ଅଭିଭାଷଣ ।
ବ ହୱାଲା ଅଖ୍‌ବାର୍ ବଦର୍ କାଦିଆନ୍, ୭-ସେପ୍ଟେମ୍ବର୍-୨୦୧୭)

(ନଜାରତ୍ ଇସ୍‌ଲାହ ୱ ଇର୍‌ଶାଦ୍ ତାଲିମୁଲ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି କାଦିଆନ୍)

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଏପରି ଗଏବ୍ (ଜଣାନଥିବା) ଖବର କିପରି ମିଳିଗଲା । କାରଣ ମୋର ଏହି ଗୁପ୍ତ ଖବର ବିଷୟରେ କେହି ଜାଣିନଥିଲେ । ଏବଂ ତାଙ୍କର ବିଶ୍ୱାସ ଏତେବଢ଼ିଗଲା ଯେ ସେ ପ୍ରେମ ଓ ଆସ୍ଥାରେ ଲିନ ହୋଇଗଲେ । ଏବଂ ସେ ଗୋଟିଏ ଛୋଟିଆ ମନେରଖିବା ପୁସ୍ତକରେ ଉକ୍ତ ଦୁଇଟି ନିଦର୍ଶନକୁ ଦରଜ କରିଦେଲେ । ଏବଂ ତାକୁ ସବୁବେଳେ ନିଜ ପାଖରେ ରଖୁଥିଲେ । ଯେତେବେଳେ ମୁଁ ପଟିଆଲା ଗଲି ଯାହାକୁ ଉପରେ ଲେଖିସାରିଛି, ଯେବେ ମନ୍ତ୍ରୀ ସୟଦ୍ ମହମ୍ମଦ୍ ହସନ୍ ସାହେବଙ୍କ ସହିତ ସାକ୍ଷାତ୍‌କାର୍ ହେଲା ବାର୍ତାଳାପ ସମୟରେ ଅକସ୍ମାତ୍ ଓଜିର୍ ସାହେବ୍ ଏବଂ ନୱାବ୍ ସାହେବ୍ ମୋ ଚମତ୍କାରିତା ଏବଂ ନିଦର୍ଶନ ବିଷୟରେ କିଛି ଚର୍ଚ୍ଚା କଲେ ତେବେ ନୱାବ୍ ସାହେବ୍ ମର୍‌ହୁମ୍ ଗୋଟିଏ ଛୋଟ ପୁସ୍ତକକୁ ନିଜ ପକେଟ୍‌ରୁ ବାହାର କରି ଓଜିର୍ ସାହେବ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କଲେ ଓ କହିଲେ ଯେ ମୋ ଇମାନ୍ ଓ ଆସ୍ଥାର କାରଣ ତ ଏହି ଦୁଇଟି ପେଶ୍‌ଗୋଇ ଅଟେ, ଯାହା ଏହି ପୁସ୍ତକରେ ଦରଜ କରାଯାଇଛି । ଏବଂ କିଛି ଦିନ ପରେ ତାଙ୍କ ମୃତ୍ୟୁର ଏକଦିନ ପୂର୍ବରୁ ମୁଁ ତାଙ୍କୁ ଇଆଦତ୍ (ରୋଗିକୁ ଶାନ୍ତ୍ୱନା) କରିବା ନିମନ୍ତେ ତାଙ୍କ ଘରକୁ ଲୁଧିଆନା ଗଲି । ସେ ମଳକଂଟକ ରୋଗରେ ପିଡ଼ୀତ ଥିଲେ । ବହୁତ ଦୁର୍ବଳ ହୋଇଯାଇଥିଲେ ଓ ବହୁତ ରକ୍ତ ବହୁଥିଲା । ଏପରି ପରିସ୍ଥିତିରେ ସେ ଉଠି ବସିଲେ । ଏବଂ ନିଜର ଭିତର କୋଠରୀକୁ ଚାଲିଗଲେ । ସେହି ଛୋଟ ପୁସ୍ତକଟିକୁ ନେଇ ଆସିଲେ । କହିଲେ ଯେ ମୁଁ ଏହାକୁ ଜୀବନ ରକ୍ଷା ନିମନ୍ତେ ରଖିଛି ଏବଂ ଏହାକୁ ଦେଖିବା ଦ୍ୱାରା ମୋତେ ଆତ୍ମ ସନ୍ତୋଷ ମିଳୁଛି । ସେହି ସ୍ଥାନକୁ ଦେଖାଇଲେ ଯେଉଁଠି ଏ ଦୁଇଟି ପେଶ୍‌ଗୋଇ ଲେଖାହୋଇଥିଲା । ପୁଣି ଯେତେବେଳେ ରାତି ଅଧ ପାଖାପାଖି ବା ଅଧିକ ରାତି ବିତିଗଲା ସେତେବେଳେ ତାଙ୍କର ମୃତ୍ୟୁ ହୋଇଗଲା । ଇନ୍ନା ଲିଲ୍ଲାହେ ୱ ଇନ୍ନା ଲଲୈହେ ରାଜେଉନ୍ । ମୁଁ ବିଶ୍ୱାସ ରଖୁଛି ଯେ ଏପର୍ଯ୍ୟନ୍ତ ତାଙ୍କ ପୁସ୍ତକ କୋଠରୀରେ ସେହି ପୁସ୍ତକଟି ଥିବ । ହକିକତୁଲ୍ ୱହି ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୫୫-୨୫୮)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

### ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

# ଖୁତ୍‌ବା ଜୁମା

★ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ଉପଦେଶପୂର୍ବକ କୁହନ୍ତି ତୁମର ଲକ୍ଷ ସର୍ବଦା **ଫସ୍‌ତବିକୁଲ୍ ଖୈରାତ୍** ହେବା ଉଚିତ୍ ଅର୍ଥାତ ସତ୍‌କର୍ମରେ ସର୍ବଦା ପରସ୍ପରଠାରୁ ଆଗକୁ ବଢିବାକୁ ଚେଷ୍ଟା କରିବା ।

★କାରଣ ଉତମକର୍ମ ସମ୍ପାଦନକାରୀଙ୍କୁ ଅଲ୍ଲାଃତାଲା ଶ୍ରେଷ୍ଠତାର ମାନ୍ୟତା ଦେଇଛନ୍ତି । ଯେପରିକି ସେ କୁହନ୍ତି **ଇନ୍ନଲ୍ ଲଜିନା ଆମନୁ ୱ ଆମିଲୁସ୍ ସାଲିହାତି ଉଲାଇକାହୁମ୍ ଖୈରୁଲ୍ ବରିୟାଃ** ଅର୍ଥାତ ନିଃସନ୍ଦେହ ଯେଉଁମାନେ ବିଶ୍ୱାସ ଆଣି, ତଦନୁଯାୟୀ ସମୁଚିତ କର୍ମ କରିଛନ୍ତି ସେହିମାନେ ହିଁ ଅତି ଉତ୍କୃଷ୍ଟ ପ୍ରାଣୀ । ହଜରତ ମସିହ ମଉଦ ଆ.ସ ଉକ୍ତ ପଙ୍କ୍ତିର ସ୍ପଷ୍ଟିକରଣ କରି ସଂକ୍ଷିପ୍ତ ଭାବରେ କୁହନ୍ତି ମଣିଷକୁ ନିଜର କର୍ତବ୍ୟ ସମ୍ପାଦନ କରିବା ସହିତ ସତ୍‌କର୍ମରେ ଉନ୍ନତି କରିବା ଉଚିତ୍ ସୁତରାଂ ସତ୍‌କର୍ମରେ ଉନ୍ନତି କରିବା, ଉତମ କର୍ମ କରିବା ହିଁ ଜଣେ ମୁସଲମାନକୁ ଜଣେ ମୋମିନ୍‌କୁ ପ୍ରକୃତ ମୋମିନ୍ କରିଥାଏ ଏବଂ ଏଥିପାଇଁ ଆମକୁ ସର୍ବଦା ଚେଷ୍ଟା କରିବା ଉଚିତ୍ ।

★ହଜୁର ଅନୱର ଅ.ବ କହିଲେ- ଏଠାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ କିଛି ତଥ୍ୟ ଉପସ୍ଥାପନ କରୁଅଛି । ଉତମ କର୍ମ କ'ଣ ଏବଂ ଗୋଟିଏ ଛୋଟ ପୁଣ୍ୟ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର କାରଣ ସାବ୍ୟସ୍ତ ହୋଇପାରେ, ଏହାର ସ୍ପଷ୍ଟିକରଣ କରି ଆପଣ କୁହନ୍ତି- ପୁଣ୍ୟ, ଇସଲାମ ଓ ଅଲ୍ଲାଃଙ୍କ ନିକଟରେ ପହଂଚିବାର ନିସୁଣି ଅଟେ ।

★ଯେପରି ଅଲ୍ଲାଃ କୁହନ୍ତି **ୱୟୁତ୍‌ଇମୁନାତ୍ ତାମା ଅଲା ହୁବ୍‌ବିହି ମିସ୍‌କିନଉଁ ୱ ୟତିମାଉଁ ୱ ଅସିରା** ହଜୁର କୁହନ୍ତି ମନେରଖିବା ଉଚିତ୍ ଯେ, ମନପସନ୍ଦ ଖାଦ୍ୟକୁ **ତାମ୍** କୁହନ୍ତି । ଖାଦ୍ୟ ସମ୍ମୁଖରେ ଥିବା ସମୟରେ ଯଦି କେହି ଭିକ୍ଷୁ ଆସି (ଖାଦ୍ୟ) ମାଗନ୍ତି ତେବେ ତାହାକୁ ସେହି ଖାଦ୍ୟ ପ୍ରଦାନ କରିବା ପୁଣ୍ୟ ଅଟେ ନା କି ନିଜେ ସଜ ଖାଦ୍ୟ ଖାଇ ଘର ଲୋକଙ୍କୁ କହିଦେବା କି ଗତକାଲିର ବାସି ଖାଦ୍ୟ ଆଣି ଏହାକୁ ଦେଇଦିଅ । ଯଦି ଜଣେ ଏଭଳି ଗଭୀରତାର ସହ ଅନୁଧ୍ୟାନ କରେ ତେବେଯାଇ ସେ ପ୍ରକୃତ ପୁଣ୍ୟ ଅର୍ଜନ କରିପାରିବ ।

★ପୁଣି ପ୍ରକୃତ ପୁଣ୍ୟର ଅଧିକ ସ୍ପଷ୍ଟିକରଣ କରି ଆପଣ କୁହନ୍ତି- ତକୱାର ଅର୍ଥ ଅପକର୍ମର ସୂକ୍ଷ୍ମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖିବା ଉଚିତ୍ ଯେ, ପୁଣ୍ୟ ଏତିକି ନୁହେଁ କି ଜଣେ କହିବ କି ମୁଁ ପୁଣ୍ୟବନ୍ତ ଅଟେ, ମୁଁ କାହାର ଧନ ଆତ୍ମସାତ କରିନାହିଁ, ଚୋରି କରିନାହିଁ, ଖରାପ ମାର୍ଗରୁ ଅର୍ଥ ଉପାର୍ଜନ କରିନାହିଁ, ତେବେ ଏହା କୌଣସି ପୁଣ୍ୟ ନୁହେଁ । ଏପରି ପୁଣ୍ୟ ବିଜ୍ଞ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ହାସ୍ୟାସ୍ପଦ କାରଣ ଯଦି ସେ ଏହି ମନ୍ଦକର୍ମ କରେ ଚୋରି ଓ ଡ଼କାୟତି କରେ ତେବେ ସେ ଦଣ୍ଡ ପାଇବ । ଅସଲ ଓ ପ୍ରକୃତ ପୁଣ୍ୟ ଏହି କି ଯେ, ମାନବ ଜାତିର ସେବା କରିବା ଓ ଅଲ୍ଲାଃଙ୍କ ମାର୍ଗରେ ପୂର୍ଣ୍ଣ ସତ୍ୟବାଦୀ ଓ ବିଶ୍ୱସ୍ତତା ପ୍ରଦର୍ଶନ କରି ଏହି ମାର୍ଗରେ ଜୀବନ ଉତ୍ସର୍ଗ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଯିବା । ତେଣୁକରି କହିଲେ **ଇନ୍ନଲ୍ ଲଜିନା ମାଅଲ୍ ଲଜିନାତ୍ ତକୌୱଲ୍ ଲଜିନା ହୁମ୍ ମୁହ୍‌ସିନୁନ୍** ଅର୍ଥାତ ଅଲ୍ଲାଃତାଲା ସେମାନଙ୍କ ସାଥିରେ ଥାନ୍ତି ଯେ ଅପକର୍ମରୁ ନିବୃତ ରହିବା ସହିତ ସତ୍‌କର୍ମ କରିଥାନ୍ତି ।

★ଅଲ୍ଲାଃଙ୍କ ଦୃଷ୍ଟି କୋଣରୁ ଇସଲାମର ଅର୍ଥ କେବଳ ଅପକର୍ମରୁ ନିବୃତ ରହିବା ନୁହେଁ ବରଂ ଯେପର୍ଯ୍ୟନ୍ତ ଅପକର୍ମକୁ ପରିତ୍ୟାଗ କରି ଉତମକର୍ମ ସମ୍ପାଦନ କରି ନାହିଁ, ଆଧ୍ୟାତ୍ମିକତାରେ ଜୀବିତ ରହିବା ସମ୍ଭବ ନୁହେଁ । ଇସଲାମୀୟ ଶିକ୍ଷାର ସତ୍ୟାସତ୍ୟ ଏହି କି ଯେ, ନିଜ ଆଧ୍ୟାତ୍ମିକତାରେ ଉନ୍ନତି କର ତଥା ତାହାକୁ ପରିମାର୍ଜିତ କର । ଯଦି କେବଳ ଅପକର୍ମରୁ ନିବୃତ ହୋଇଯାଅ ତେବେ ମଧ୍ୟ ତୁମର ଆଧ୍ୟତ୍ମିକ ଜୀବନ ଉନ୍ନତ ହେବ ନାହିଁ ବରଂ ଅପକର୍ମ ପରିତ୍ୟାଗ କରି ସତ୍‌କର୍ମ କରିବା ଜରୁରୀ ଅଟେ ।

★ପୁଣି ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖିବା ପରେ ଶାରୀରିକ ଅପକର୍ମରୁ ରକ୍ଷା ପାଇବା ବିଷୟରେ ଅଧିକ ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ଅପକର୍ମରୁ ନିବୃତ ରହିବାର ସ୍ତର ସେତେବେଳେ ପ୍ରାପ୍ତ କରିବ ଯେତେବେଳେ ଅଲ୍ଲାଃଙ୍କ ଉପରେ ଆସ୍ଥା ଆସିଯିବ ତା'ପରେ ଅର୍ଥାତ ଦ୍ୱିତୀୟ ସୋପାନରେ ସେହି ମାର୍ଗର ସନ୍ଧାନ କରିବା ଯେଉଁ ମାର୍ଗ ଅଲ୍ଲାଃଙ୍କ ପ୍ରିୟ ଭକ୍ତମାନଙ୍କ ଚଲାପଥ ଅଟେ ଏବଂ ତାହାର ଅନୁସରଣ କରିବା । ତାହାର ସନ୍ଧାନ ଏମିତି ମିଳିବ କି ମଣିଷ ଜାଣିବାକୁ ଚେଷ୍ଟା କରିବା ଉଚିତ୍ ଯେ, ସେହି ପ୍ରିୟଜନମାନଙ୍କ ସହ ଅଲ୍ଲାଃ କିଭଳି ମାମଲା କଲେ । ଅପକର୍ମରୁ ରକ୍ଷା ପାଇବାର ପ୍ରଥମ ସୋପାନ ଅଲ୍ଲାଃଙ୍କ **ଜଲାଲି** (ତେଜସ୍ୱୀ) ଗୁଣର ପ୍ରାପ୍ତ ହେବାରେ ହାସଲ ହୋଇଥାଏ, କି ସେ ଅପକର୍ମୀଙ୍କ ଶତ୍ରୁ ଅଟେ ଏବଂ ନିଜ ପ୍ରିୟଜନଙ୍କ ଶତ୍ରୁମାନଙ୍କୁ ନାସ କରିଥାଏ ।

★ଆଧ୍ୟାତ୍ମିକତାର ଉନ୍ନତି ସେତେବେଳେ ହୋଇଥାଏ ଯେତେବେଳେ ଅପକର୍ମରୁ ମଣିଷ ସମ୍ପୂର୍ଣ୍ଣ ରୂପେ ନିବୃତ ରହି ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ସତ୍‌କର୍ମ କରିବାକୁ ପୂର୍ଣ୍ଣ ରୂପେ ମନଯୋଗ କରିବା । ପୁଣି ଉତମ କର୍ମ କରିବାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ପ୍ରଥମେ ଦୁଇଟି ସୋପାନ ଥିଲା ମନ୍ଦ ଅଭ୍ୟାସକୁ ପରିହାର କରିବା ଓ ଉତମ କର୍ମ ସମ୍ପାଦନ କରିବା, ବର୍ତମାନ ଏହାର ଦୁଇଟି ବିଭାଗ ବର୍ଣ୍ଣନା କଲେ । ଗୋଟିଏ ଫରଜ୍ ଓ ଅନ୍ୟଟି ନୱାଫିଲ୍ ।

★ଆମର ଶିକ୍ଷା ଏହି କି ଯେ, ସମସ୍ତଙ୍କ ସହ ଉତମ ଆଚରଣ କର ଏବଂ ପ୍ରଶାସନର ଆଜ୍ଞାବହ ହେବା ଉଚିତ୍ କାରଣ ସେ ଆମର ସୁରକ୍ଷା କରିଥାନ୍ତି । ଆମ ଧନଜୀବନ ସେମାନଙ୍କ ଯୋଗୁଁ ସୁରକ୍ଷିତ ରହିଥାଏ । ନିଜ ବନ୍ଧୁବାନ୍ଧବଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କର କାରଣ ସେମାନଙ୍କର ମଧ୍ୟ ତୁମ ଉପରେ ଅଧିକାର ରହିଛି ।

★ମୋକରମ୍ ହାମିଦ୍ ମକ୍‌ସୁଦ୍ ଆତିଫ୍ ସାହେବ୍(ମୁରବୀ ସିଲ୍‌ସିଲା), ମୋକରମ୍ ଅଲୀ ସଇଦି ମୁସା ସାହେବ୍(ପୂର୍ବତନ ଅମୀର ଯମାତ ତନ୍‌ଯାନିଆ) ଏବଂ ମୋକରମା ନୁସୁରତ୍ ବେଗମ୍ ସାଦ୍‌କା ସାହିବା(ଅଫ୍ ରବ୍‌ୱା)ଙ୍କ ମୃତ୍ୟୁ ମରହୁମିନ୍‌ଙ୍କର ଉତମ ଗୁଣର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୭ ଅକ୍ଟୋବର ୨୦୧୭ ଅନୁଯାୟୀ ୨୭ ଇଖା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ଉପଦେଶପୂର୍ବକ କୁହନ୍ତି ତୁମର ଲକ୍ଷ ସର୍ବଦା **ଫସ୍‌ତବିକୁଲ୍ ଖୈରାତ୍** ହେବା ଉଚିତ୍ ଅର୍ଥାତ ସତ୍‌କର୍ମରେ ସର୍ବଦା ପରସ୍ପରଠାରୁ ଆଗକୁ ବଢିବାକୁ ଚେଷ୍ଟା କରିବା । କାରଣ ଉତମକର୍ମ ସମ୍ପାଦନକାରୀଙ୍କୁ ଅଲ୍ଲାଃତାଲା ଶ୍ରେଷ୍ଠତାର ମାନ୍ୟତା ଦେଇଛନ୍ତି । ଯେପରିକି ସେ କୁହନ୍ତି **ଇନ୍ନଲ୍ ଲଜିନା ଆମନୁ ୱ ଆମିଲୁସ୍ ସାଲିହାତି ଉଲାଇକାହୁମ୍ ଖୈରୁଲ୍ ବରିୟାଃ** ଅର୍ଥାତ ନିଃସନ୍ଦେହ ଯେଉଁମାନେ ବିଶ୍ୱାସ ଆଣି, ତଦନୁଯାୟୀ ସମୁଚିତ କର୍ମ କରିଛନ୍ତି ସେହିମାନେ ହିଁ ଅତି ଉତ୍କୃଷ୍ଟ ପ୍ରାଣୀ

ହଜରତ ମସିହ ମଉଦ ଆ.ସ ଉକ୍ତ ପକ୍ତିଂର ସ୍ୱଷ୍ଟିକରଣ କରି ସଂକ୍ଷିପ୍ତ ଭାବରେ କୁହନ୍ତି ମଣିଷକୁ ନିଜର କର୍ତବ୍ୟ ସମ୍ପାଦନ କରିବା ସହିତ ସତ୍‌କର୍ମରେ ଉନ୍ନତି କରିବା ଉଚିତ୍ । ସୁତରାଂ ସତ୍‌କର୍ମରେ ଉନ୍ନତି କରିବା, ଉତମ କର୍ମ କରିବା ହିଁ ଜଣେ ମୁସଲମାନକୁ ଜଣେ ମୋମିନ୍‌କୁ ପ୍ରକୃତ ମୋମିନ୍ କରିଥାଏ ଏବଂ ଏଥିପାଇଁ ଆମ୍ଭକୁ ସର୍ବଦା ଚେଷ୍ଟା କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ କିଛି ତଥ୍ୟ ଉପସ୍ଥାପନ କରୁଅଛି । ଉତମ କର୍ମ କ'ଣ ଏବଂ ଗୋଟିଏ ଛୋଟ ପୁଣ୍ୟ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର କାରଣ ସାବ୍ୟସ୍ତ ହୋଇପାରେ, ଏହାର ସ୍ୱଷ୍ଟିକରଣ କରି ଆପଣ କୁହନ୍ତି- ପୁଣ୍ୟ, ଇସଲାମ ଓ ଅଲ୍ଲାଃଙ୍କ ନିକଟରେ ପହଂଚିବାର ନିସୁଣି ଅଟେ । କିନ୍ତୁ ମନେରଖ ସଇତାନ ପ୍ରତ୍ୟେକ ମାର୍ଗରେ ଲୋକମାନଙ୍କ ପଥଭ୍ରଷ୍ଟ କରିଥାଏ ଯେପରି ଅଲ୍ଲାଃ କୁହନ୍ତି **ଓ୍ୱୟୁତ୍‌ଇମୁନାତ୍ ତାମା ଅଲା ହୁବ୍‌ବିହି ମିସ୍‌କିନଉଁ ଓ୍ୱ ୟତିମାଉଁ ଓ୍ୱ ଅସିରା** ହଜୁର କୁହନ୍ତି ମନେରଖିବା ଉଚିତ୍ ଯେ, ମନପସନ୍ଦ ଖାଦ୍ୟକୁ **ତାମ୍** କୁହନ୍ତି । ଖାଦ୍ୟ ସମ୍ମୁଖରେ ଥିବା ସମୟରେ ଯଦି କେହି ଭିକ୍ଷୁ୍ୟ ଆସି (ଖାଦ୍ୟ) ମାଗନ୍ତି ତେବେ ତାହାକୁ ସେହି ଖାଦ୍ୟ ପ୍ରଦାନ କରିବା ପୁଣ୍ୟ ଅଟେ ନା କି ନିଜେ ସଜ ଖାଦ୍ୟ ଖାଇ ଘର ଲୋକଙ୍କୁ କହିଦେବା କି ଗତକାଲିର ବାସି ଖାଦ୍ୟ ଆଣି ଏହାକୁ ଦେଇଦିଅ । ଯଦି ଜଣେ ଏଭଳି ଗଭୀରତାର ସହ ଅନୁଧ୍ୟାନ କରେ ତେବେଯାଇ ସେ ପ୍ରକୃତ ପୁଣ୍ୟ ଅର୍ଜନ କରିପାରିବ । ସୁତରାଂ ପ୍ରକୃତ ପୁଣ୍ୟ ଅର୍ଜନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ଏହା କିଭଳି ଉତ୍ପନ୍ନ ହେବ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ଆସ୍ଥା ନାହିଁ, ଏହା ଉତ୍ପନ୍ନ ହୋଇ ନଥାଏ । ଅତଏବ ଏହାର ସ୍ୱଷ୍ଟିକରଣକରି ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି- ପ୍ରକୃତ ପୁଣ୍ୟ ଅର୍ଜନ କରିବା ପାଇଁ ଆବଶ୍ୟକ କି ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଏବଂ ବିଶ୍ୱାସ ଏହି କି ଯେ, ପ୍ରତ୍ୟେକ ଜିନିଷ ଉପରେ ଅଲ୍ଲାଃଙ୍କ ନଜର ରହିଛି ଓ ସେ ସର୍ବଜ୍ଞ । କେତେକ ସମୟରେ ମଣିଷ ଲୁଚିଛପି କାର୍ଯ୍ୟ କରିଥାଏ ଏବଂ ସେ ମନେକରିଥାଏ କି କେହି ଏଥିସଂକ୍ରାନ୍ତରେ ଜାଣିନାହାନ୍ତି, ଅଲ୍ଲାଃଙ୍କ ବ୍ୟତୀତ କାରଣ ସେ ସର୍ବଜ୍ଞ ଏବଂ ସେ (ନିଜ ଅପକର୍ମରେ) ଭୟ କରିନଥାଏ ଏବଂ ଏହି ନିର୍ଭିକତା ଯୋଗୁଁ ସେ ଏହିପରି ମନ୍ଦକର୍ମ କରିଚାଲିଥାଏ । ଯଦି ପ୍ରକୃତ ପୁଣ୍ୟ ଅର୍ଜନ କରିବାର ଅଛି ତେବେ ଅଲ୍ଲାଃଙ୍କ ଉପରେ ଆସ୍ଥା ରହିବା ଅନିର୍ବାର୍ଯ୍ୟ ।

ପୁଣି ପ୍ରକୃତ ପୁଣ୍ୟର ଅଧିକ ସ୍ୱଷ୍ଟିକରଣ କରି ଆପଣ କୁହନ୍ତି- ତକଓ୍ୱାର ଅର୍ଥ ଅପକର୍ମର ସୁକ୍ଷ୍ମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖିବା ଉଚିତ୍ ଯେ, ପୁଣ୍ୟ ଏତିକି ନୁହେଁ କି ଜଣେ କହିବ କି ମୁଁ ପୁଣ୍ୟବନ୍ତ ଅଟେ, ମୁଁ କାହାର ଧନ ଆତ୍ମସାତ କରିନାହିଁ, ଚୋରି କରିନାହିଁ, ଖରାପ ମାର୍ଗରୁ ଅର୍ଥ ଉପାର୍ଜନ କରିନାହିଁ, ତେବେ ଏହା କୌଣସି ପୁଣ୍ୟ ନୁହେଁ । ଏପରି ପୁଣ୍ୟ ବିଜ୍ଞ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ହାସ୍ୟସ୍ପଦ କାରଣ ଯଦି ସେ ଏହି ମନ୍ଦକର୍ମ କରେ ଚୋରି ଓ ଡ଼କାୟତି କରେ ତେବେ ସେ ଦଣ୍ଡ ପାଇବ । ଅସଲ ଓ ପ୍ରକୃତ ପୁଣ୍ୟ ଏହି କି ଯେ, ମାନବ ଜାତିର ସେବା କରିବା ଓ ଅଲ୍ଲାଃଙ୍କ ମାର୍ଗରେ ପୂର୍ଣ୍ଣ ସତ୍ୟବାଦୀ ଓ ବିଶ୍ୱସ୍ତତା ପ୍ରଦର୍ଶନ କରି ଏହି ମାର୍ଗରେ ଜୀବନ ଉତ୍ସର୍ଗ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଯିବା । ତେଣୁକରି କହିଲେ **ଇନ୍ନଲ୍ ଲଜିନା ମାଅଲ୍ ଲଜିନାତ୍ ତକୌଓ୍ୱଲ୍ ଲଜିନା ହୁମ୍ ମୁହ୍‌ସିନୁନ୍** ଅର୍ଥାତ ଅଲ୍ଲାଃତାଲା ସେମାନଙ୍କ ସାଥିରେ ଥାନ୍ତି ଯେ ଅପକର୍ମରୁ ନିବୃତ ରହିବା ସହିତ ସତ୍‌କର୍ମ କରିଥାନ୍ତି ।

ହଜୁର ଆ.ସ କୁହନ୍ତି ଅଲ୍ଲାଃଙ୍କ ଦୃଷ୍ଟି କୋଣରୁ ଇସଲାମର ଅର୍ଥ କେବଳ ଅପକର୍ମରୁ ନିବୃତ ରହିବା ନୁହେଁ ବରଂ ଯେପର୍ଯ୍ୟନ୍ତ ଅପକର୍ମକୁ ପରିତ୍ୟାଗ କରି ଉତମକର୍ମ ସମ୍ପାଦନ କରି ନାହଁ, ଆଧ୍ୟାତ୍ମିକତାରେ ଜୀବିତ ରହିବା ସମ୍ଭବ ନୁହେଁ । ଇସଲାମୀୟ ଶିକ୍ଷାର ସତ୍ୟାସତ୍ୟ ଏହି କି ଯେ, ନିଜ ଆଧ୍ୟାତ୍ମିକତାରେ ଉନ୍ନତି କର ତଥା ତାହାକୁ ପରିମାର୍ଜିତ କର । ଯଦି କେବଳ ଅପକର୍ମରୁ ନିବୃତ ହୋଇଯାଅ ତେବେ ମଧ୍ୟ ତୁମର ଆଧ୍ୟତ୍ମିକ ଜୀବନ ଉନ୍ନତ ହେବ ନାହିଁ ବରଂ ଅପକର୍ମ ପରିତ୍ୟାଗ କରି ସତ୍‌କର୍ମ କରିବା ଜରୁରୀ ଅଟେ । ମନେରଖ ସତ୍‌କର୍ମ ଖାଦ୍ୟ ସଦୃଶ ଯେପରି ଜଣେ ଖାଦ୍ୟ ବ୍ୟତୀତ ଜୀବିତ ରହିବା ସମ୍ଭବ ନୁହେଁ । ସେହିପରି ଯେପର୍ଯ୍ୟନ୍ତ ଉତମକର୍ମ ସମ୍ପାଦନ କରି ନାହଁ କିଛି ହୋଇନଥାଏ ଏବଂ ଏହି ଅବସ୍ଥା ବିଶ୍ୱାସରେ ଅଭିବୃଦ୍ଧି କରିବା ଦ୍ୱାରା ହାସଲ ହୋଇଥାଏ । ଅଲ୍ଲାଃଙ୍କ ଉପରେ ଆସ୍ଥାର ସ୍ତର କିଭଳି ହେବା ଉଚିତ୍ । ଏହି ସ୍ତର ସେତେବେଳେ ହାସଲ ହୋଇଥାଏ ଯେତେବେଳେ ମଣିଷର ଅନ୍ତଃଦେଶ ଓ ବର୍ହିଦେଶ ଏକ ହୋଇଥାଏ କେବଳ ବିଶ୍ୱାସର ଘୋଷଣା କରିବାରେ କିଛି ହୋଇନଥାଏ ବରଂ ଯେମିତି ଏହି ବିଶ୍ୱାସ ରହିଛି କି ବିଷ ମଣିଷର କ୍ଷତି କରିଥାଏ ଏବଂ ତାହାର ସେବନରେ ଜଣେ ମୃତ୍ୟୁବରଣ କରିପାରେ ସେହିପରି ଏହି ବିଶ୍ୱାସ ମଧ୍ୟ ରହିବା ଉଚିତ୍ ଯେ, ଯଦି ମୁଁ ଅପକର୍ମ କରେ ତେବେ ଅଲ୍ଲାଃ ସେଥିପ୍ରତି ନଜର ରଖିଛନ୍ତି ତେଣୁ ସେ ମୋତେ ଦଣ୍ଡ ଦେବେ ।

ବିଶ୍ୱାସ ସୁଦୃଢ ହେବା ସଂକ୍ରାନ୍ତରେ ଅଧିକ ସ୍ୱଷ୍ଟରୂପେ ହଜୁର ଆ.ସ କୁହନ୍ତି- ମନେରଖ ପ୍ରତ୍ୟେକ ପବିତ୍ରତା ଓ ପୁଣ୍ୟର ମୂଳ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିବା ଅଟେ । ଯେଭଳି ଅଲ୍ଲାଃଙ୍କ ଉପରେ ଆସ୍ଥା ଦୁର୍ବଳ ହୋଇଥାଏ ସେହିପରି ଜଣେ ଉତମକର୍ମ ସମ୍ପାଦନ କରିବାରେ ଦୁର୍ବଳ ଓ ଅବହେଳା କରିଥାଏ, କିନ୍ତୁ ଯେତେବେଳେ ଆସ୍ଥା ସୁଦୃଢ ଓ ଅଲ୍ଲାଃତାଲାଙ୍କୁ ତାହାର ସମସ୍ତ ଗୁଣାବଳୀ ସହ ବିଶ୍ୱାସ କରାଯାଏ, ସେହିପରି ଜଣକର ଅମଲରେ ଅଦ୍ଭୁତପୂର୍ଣ୍ଣ ପରିବର୍ତନ ପରିଲକ୍ଷିତ ହୋଇଥାଏ । ଯଦି ଜଣେ ବିଶ୍ୱାସ କରିନିଏ କି ଅଲ୍ଲାଃ ସକଳ ଶକ୍ତିର ମାଲିକ, ସର୍ବଜ୍ଞ ଏବଂ ସେ ପ୍ରତ୍ୟେକ ସ୍ଥାନରେ ମୋ ଉପରେ ଲକ୍ଷ ରଖିଛନ୍ତି ଏବଂ ଏକ ଅସାଧାରଣ ପରିବର୍ତନ ତାହାର ଅମଲରେ ପରିଲକ୍ଷିତ ହୁଏ । ସେତେବେଳେ ତାହା ଦ୍ୱାରା ସ୍ୱୟଂ ଉତମକର୍ମ ସମ୍ପାଦନ ହୋଇଥାଏ । ଅପକର୍ମ କରିବା ପରିବର୍ତେ ସତ୍‌କର୍ମ କରିବା ପ୍ରତି ତାହାର ଧ୍ୟାନ ଆକର୍ଷିତ ହୋଇଥାଏ । ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ଅପକର୍ମ କରିବା ପ୍ରତି ମନବଳାଇ ନଥାଏ । କାରଣ (ଦୃଢ) ବିଶ୍ୱାସ ତାହାର ଇଚ୍ଛା ଶକ୍ତି ଓ ପାପକୁ କାଟି ଦେଇଥାଏ । ଦେଖ ଯଦି କାହାର ଚକ୍ଷୁ କାଢିନିଆଯାଏ ତେବେ ସେ ସେଥିରେ କିଭଳି ଅପକର୍ମ କରିବ । ଠିକ୍ ସେହିପରି ଯଦି ଜଣେ **ନଫ୍‌ସେ ମୁତ୍‌ମୟିନା**ର ସ୍ତରରେ ପହଁଚିଯାଏ ତେବେ **ନଫ୍‌ସେ ମୁତ୍‌ମୟିନା** ତାହାକୁ ଅନ୍ଧ କରିଦେଇଥାଏ ଏବଂ ତାହାର ଚକ୍ଷ୍ୟୁରେ ପାପ ଦେଖିବାର ସାମର୍ଥ୍ୟ ରହିନଥାଏ । ସେ (ଖରାପ) ଦେଖି ମଧ୍ୟ ଅଣଦେଖା କରିଥାଏ ।

ତାହାର ସମସ୍ତ କାମନା ଓ ସମସ୍ତ ଅଭ୍ୟନ୍ତରୀଣ ଉଗ୍ରତାକୁ କାଟିଦେଇଥାଏ । ତାହାର ସମସ୍ତ ଶକ୍ତି ଯାହା ଦ୍ୱାରା ଅପକର୍ମ ସମ୍ପାଦିତ ହୋଇପାରେ ତାହାକୁ ଏକ ପ୍ରକାରର ମୃତ୍ୟୁ ଆସିଥାଏ ଏବଂ ତାହା ମୃତ ସଦୃଶ ହୋଇ ଅଲ୍ଲାଃଙ୍କ ଇଚ୍ଛା ମୁତାବକ କାର୍ଯ୍ୟ କରିଥାଏ । ସେ ଅଲ୍ଲାଃ ବ୍ୟତୀତ ଗୋଟିଏ ପାଦ ଆଗକୁ ବଢିପାରେନା ।

ହଜୁର ଅନଓ୍ୱର ଅ.ବ କହିଲେ- ଏହା ଆମର ଲକ୍ଷ ଅଟେ ଏବଂ ଏହାକୁ ଆମେ ନିଜ ସମ୍ମୁଖରେ ରଖିବା ଉଚିତ୍ କି ସମସ୍ତ ପ୍ରକାରର ଅପକର୍ମକୁ ନିଜ ଆଖି, କାନ ଓ ମସ୍ତିସ୍କରୁ ବାହାର କରିବା ସହିତ ସେଥିରୁ ନିଜକୁ ରକ୍ଷା କରିବାର ଅଛି ଏବଂ ଆମ୍ଭ ଜମାଅତକୁ ଏହାର ଆବଶ୍ୟକତା ରହିଛି ଏବଂ ପୂର୍ଣ୍ଣ ଶାନ୍ତି ହାସଲ କରିବା ନିମନ୍ତେ ବିଶ୍ୱାସରେ ପୂର୍ଣ୍ଣତା ଆବଶ୍ୟକ । ସୁତରାଂ ଆମ୍ଭ ଜମାଅତର ପ୍ରଥମ କର୍ତବ୍ୟ ଏହି କି ଯେ, ଅଲ୍ଲାଃଙ୍କ ଉପରେ ନିଷ୍ଠାର ସହ ବିଶ୍ୱାସ ରଖିବା । ପୁନଃ ହଜୁର ଆ.ସ ଉତମ କର୍ମର ବିଭିନ୍ନ ଦିଗ ନିର୍ଧାରଣ କରି କୁହନ୍ତି- ମଣିଷ ପାଇଁ ଦୁଇଟି କାର୍ଯ୍ୟ ଅନିର୍ବାର୍ଯ୍ୟ ଗୋଟିଏ ଅପକର୍ମରୁ ନିବୃତ ରହିବା ଓ ଉତମକର୍ମ ସମ୍ପାଦନ କରିବା । ପୁଣି ଉତମ କର୍ମର ଦୁଇଟି ଦିଗ ରହିଛି ଗୋଟିଏ ମନ୍ଦ ଓ ଅପକର୍ମକୁ ବର୍ଜନ କରିବା ଓ ଦ୍ୱିତୀୟଟି ସତ୍‌କର୍ମରେ ଆଗକୁ ବଢିବା । ଅପକର୍ମକୁ ପରିହାର କରିବା ଏକ ପ୍ରକାରର ପୁଣ୍ୟ ଅଟେ । ଦ୍ୱିତୀୟ ପାର୍ଶ୍ୱରେ ଉତମକର୍ମ ସମ୍ପାଦନ କରିବା । କେବଳ ଅପକର୍ମ ବର୍ଜନ କରିଦେଲେ ଜଣେ ସମ୍ପୂର୍ଣ୍ଣ ହୋଇନଥାଏ କାରଣ ଏପରି ଅବସ୍ଥାରେ ତାହାର ବିଶ୍ୱାସ ଦୁର୍ବଳ (ଅବସ୍ଥାରେ) ରହିଥାଏ, ଯେପର୍ଯ୍ୟନ୍ତ ଉତମକର୍ମ ଅର୍ଥାତ ଅନ୍ୟମାନଙ୍କ ଉପକାର କରିବାରେ ଅଗ୍ରସର ହୋଇ ନାହଁ । ଉତମକର୍ମ କରିବା, ଅନ୍ୟର ଉପକାର କରିବା ପରେଯାଇ ଜଣେ ବିଶ୍ୱାସରେ ପୂର୍ଣ୍ଣତା ପ୍ରାପ୍ତ କରିଥାଏ । ଯେପର୍ଯ୍ୟନ୍ତ ଏହି ସ୍ତର ହାସଲ କରି ନାହଁ ମଣିଷ ଅପକର୍ମରୁ ମଧ୍ୟ ରକ୍ଷା ପାଇନଥାଏ ଏବଂ ଅଲ୍ଲାଃତାଲାଙ୍କ ଉତମ ଗୁଣର ସନ୍ଧାନ ପାଇବା ନିମନ୍ତେ ମନୁଷ୍ୟକୁ ସର୍ବଦା ପବିତ୍ର କୋରାନର ଓ ତାହାର ଆଦେଶଗୁଡ଼ିକର ଅଧ୍ୟୟନ କରିବା ଉଚିତ୍ ।

ପୁଣି ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖିବା ପରେ ଶାରୀରିକ ଅପକର୍ମରୁ ରକ୍ଷା ପାଇବା ବିଷୟରେ ଅଧିକ ସ୍ୱଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ଅପକର୍ମରୁ ନିବୃତ ରହିବାର ସ୍ତର ସେତେବେଳେ ପ୍ରାପ୍ତ କରିବ ଯେତେବେଳେ ଅଲ୍ଲାଃଙ୍କ ଉପରେ ଆସ୍ଥା ଆସିଯିବ ତା'ପରେ ଅର୍ଥାତ ଦ୍ୱିତୀୟ ସୋପାନରେ ସେହି ମାର୍ଗର ସନ୍ଧାନ କରିବା ଯେଉଁ ମାର୍ଗ ଅଲ୍ଲାଃଙ୍କ ପ୍ରିୟ ଭକ୍ତମାନଙ୍କ ଚଲାପଥ ଅଟେ ଏବଂ ତାହାର ଅନୁସରଣ କରିବା । ତାହାର ସନ୍ଧାନ ଏମିତି ମିଳିବ କି ମଣିଷ ଜାଣିବାକୁ ଚେଷ୍ଟା କରିବା ଉଚିତ୍ ଯେ, ସେହି ପ୍ରିୟଜନମାନଙ୍କ ସହ ଅଲ୍ଲାଃ କିଭଳି ମାମଲା କଲେ । ଅପକର୍ମରୁ ରକ୍ଷା ପାଇବାର ପ୍ରଥମ ସୋପାନ ଅଲ୍ଲାଃଙ୍କ **ଜଲାଲି** (ତେଜସ୍ୱୀ) ଗୁଣର ପ୍ରାପ୍ତ ହେବାରେ ହାସଲ ହୋଇଥାଏ, କି ସେ ଅପକର୍ମୀଙ୍କ ଶତ୍ରୁ ଅଟେ ଏବଂ ନିଜ ପ୍ରିୟଜନଙ୍କ ଶତ୍ରୁମାନଙ୍କୁ ନାସ କରିଥାଏ । ଦ୍ୱିତୀୟ ସୋପାନ ଅଲ୍ଲାଃଙ୍କ **ଜମାଲି** (ନମ୍ର)ଗୁଣର ପ୍ରାପ୍ତ ହେବାରେ ହାସଲ ହୋଇଥାଏ । ନିର୍ବିଶେଷରେ ଏହି କି ଯେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିକଟରୁ ଶକ୍ତି ଓ ସାମର୍ଥ୍ୟ ମିଳି ନାହିଁ ଯାହାକୁ ଇସଲାମୀୟ ଭାଷାରେ **ରୁହୁଲ୍ କୁଦ୍ଦୁସ୍** କୁହାଯାଏ, କିଛି ମଧ୍ୟ ହୋଇନଥାଏ । ଏହା ଏକ ଶକ୍ତି ଅଟେ ଯାହାକି ଅଲ୍ଲାଃଙ୍କ ନିକଟରୁ ପ୍ରାପ୍ତ ହୋଇଥାଏ । ଏହାର ଅବତୀର୍ଣ୍ଣ ହେବା ସହିତ ହୃଦୟ ଏକ ପ୍ରକାରର ଶାନ୍ତି ଅନୁଭବ କରିଥାଏ ଏବଂ ସ୍ୱଭାବରେ ପୁଣ୍ୟ ସହ ଏକ ପ୍ରକାରର ପ୍ରେମ ଓ ବାତ୍ସଲ୍ୟତା ଉତ୍ପନ୍ନ ହୋଇଥାଏ । ପୁଣି ସେହି ସୌନ୍ଦର୍ଯ୍ୟ ଯାହାକି ଉତମକର୍ମ ସହ ସଂଶ୍ଲିଷ୍ଟ ଉକ୍ତ ବ୍ୟକ୍ତିକୁ ଦୃଶ୍ୟମାନ ହୋଇଥାଏ ଏବଂ ସେ ଅଣଆୟତ ହୋଇ ସେହି ଦିଗକୁ ଦୌଡ଼ିଥାଏ । ଏପରି ସ୍ଥଳେ ମନ୍ଦଚିନ୍ତା କରିବାକୁ ମଧ୍ୟ

ତାହାର ହୃଦୟ ପ୍ରକମ୍ପିତ ହୋଇ ଉଠିଥାଏ । ସେତେବେଳେ ସତେଜ ପ୍ରକାଶ ତାହାକୁ ପ୍ରାପ୍ତ ହୋଇଥାଏ । ମଣିଷ କେବଳ ଏତିକିରେ ଗର୍ବ କରିବା ଉଚିତ୍ ନୁହେଁ ଏବଂ ଏହାକୁ ହିଁ ନିଜ ଉନ୍ନତିର ଅନ୍ତ ମନେକରିବା ଉଚିତ୍ ନୁହେଁ କି ସମୟ ସମୟରେ ତାହା ହୃଦୟରେ ରିକତ୍ (ଭାବବିହ୍ୱଳ) ଅବସ୍ଥା ଉତ୍ପନ୍ନ ହେଉଅଛି । କଦାଚିତ୍ ନମାଜରେ ଲୁହ ଝରାଇ ଦେବା କିମ୍ବା ହୃଦୟ ନମ୍ର ହୋଇଯିବା କୌଣସି ବଡ଼ କଥା ନୁହେଁ । ଏହାକୁ ନିଜ ଉନ୍ନତିର ଶିର୍ଷ ମନେକରିବା ଉଚିତ୍ ନୁହେଁ କାରଣ ଏହି ରିକତ୍ କ୍ଷଣସ୍ଥାୟୀ ଅଟେ ।

ଆଧ୍ୟାତ୍ମିକତାର ଉନ୍ନତି ସେତେବେଳେ ହୋଇଥାଏ ଯେତେବେଳେ ଅପକର୍ମରୁ ମଣିଷ ସମ୍ପୂର୍ଣ୍ଣ ରୂପେ ନିବୃତ ରହି ଅଲ୍ଲାହ୍‌ଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ସତ୍‌କର୍ମ କରିବାକୁ ପୂର୍ଣ୍ଣ ରୂପେ ମନଯୋଗ କରିବା । ପୁଣି ଉତମ କର୍ମ କରିବାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ପ୍ରଥମେ ଦୁଇଟି ସୋପାନ ଥିଲା ମନ୍ଦ ଅଭ୍ୟାସକୁ ପରିହାର କରିବା ଓ ଉତମ କର୍ମ ସମ୍ପାଦନ କରିବା, ବର୍ତମାନ ଏହାର ଦୁଇଟି ବିଭାଗ ବର୍ଣ୍ଣନା କଲେ । ଗୋଟିଏ ଫରଜ୍ ଓ ଅନ୍ୟଟି ନୱାଫିଲ୍ । **ଫରାଇଜ୍** ଅର୍ଥାତ ଯାହାର ସମ୍ପାଦନ କରିବା ମଣିଷର କର୍ତବ୍ୟ ଯେପରି କରଜ ପରିଶୋଧ କରିବା । **ଫରାଇଜ୍** ବ୍ୟତୀତ ପ୍ରତ୍ୟେକ ଉତମକର୍ମ ସହ **ନୱାଫିଲ୍** ରହିଥାଏ ଅର୍ଥାତ ଏପରି ଉତମ କର୍ମ ଯାହାକି ତାହାର କର୍ତବ୍ୟରୁ ଉର୍ଦ୍ଧ୍ୱରେ ଯେପରି ଦୟା ପ୍ରତିବଦଳରେ ଦୟା ପ୍ରଦର୍ଶନ କରି ଅଧିକ ଦୟା କରିବା ନୱାଫିଲ୍ ଅଟେ । କେହି ଜଣେ ଦୟା ଆଚରଣ କଲେ ତାହା ପ୍ରତିବଦଳରେ ତା'ଠାରୁ ଅଧିକ ଦୟା ଆଚରଣ କଲେ, ତାହାକୁ **ନୱାଫିଲ୍** କୁହାଯିବ । ପ୍ରକୃତରେ ଏହା କର୍ତବ୍ୟର ପୂର୍ଣ୍ଣତା ଅଟେ । ଏତତ୍ ଦ୍ୱାରା କର୍ତବ୍ୟ ସମ୍ପୂର୍ଣ୍ଣ ହୋଇଥାଏ । ଆପଣ କୁହନ୍ତି ଏହି ହଦିସ୍‌ରେ ଅଲ୍ଲାହ୍‌ଙ୍କ ଅଓଲିୟା (ପ୍ରିୟଜନ)ମାନଙ୍କ ମତରେ ଫରଜ୍‌ର ପୂର୍ଣ୍ଣତା ନୱାଫିଲ୍ ଦ୍ୱାରା ହୋଇଥାଏ । ଉଦାହରଣ ସ୍ୱରୂପ ଯେ ଜକାତ୍ ଦେବାପରେ ଆହୁରି ସଦ୍‌କା ଦେଇଥାନ୍ତି ଅଲ୍ଲାହ୍‌ତାଲା ସେମାନଙ୍କର ୱଲି (ସାଥି) ହୋଇଯାଏ ।

ହଜୁର ଆ.ସ କୁହନ୍ତି ମୋତେ ଜଣେ ସାହାବିଙ୍କ କଥା ମନେପଡ଼ିଲା ଯେ କହିଥିଲେ ହେ ଅଲ୍ଲାହ୍‌ଙ୍କ ରସୁଲ ! ମୁଁ ବିଶ୍ୱାସ ଆଣିବା ପୂର୍ବରୁ ଅନେକ ସଦ୍‌କା କରିଥିଲି କ'ଣ ମୋତେ ତାହାର ସୁଫଳ ମିଳିବ । ହଜୁର ସ.ଆ ଉତର ଦେଲେ ସେହି ସଦ୍‌କା ତ ତୋର ବିଶ୍ୱାସ ଆଣିବାର ଦ୍ୱାର ଉନ୍ମୁକ୍ତ କରିଦେଲା । ସେହି ସଦ୍‌କାର ପରିଣାମ ସ୍ୱରୂପ ତୁମେ ଆଜି ମୁସଲମାନ ହୋଇଛ । ପୁଣି ବୈଦ୍ଧ କାର୍ଯ୍ୟଗୁଡ଼ିକୁ ମଧ୍ୟ ସୀମା ମଧ୍ୟରେ ରଖିବା ଉଚିତ୍ ଏବଂ ଏହା ପୁଣ୍ୟ ଅଟେ । ଏଥିସଂକ୍ରାନ୍ତରେ ଆପଣ କୁହନ୍ତି ପୁଣ୍ୟର ମୂଳ ଏହି କି ଯେ, ସଂସାରର ମାଧୁର୍ଯ୍ୟ ଓ କାମନା ଯାହାକି ବୈଦ୍ଧ ଅଟେ, ସେଥିରେ ମଧ୍ୟ ସୀମା ଲଙ୍ଘିବା ଉଚିତ୍ ନୁହେଁ ଯେପରି ଖାଇବା ପିଇବାକୁ ଅଲ୍ଲାହ୍‌ତାଲା ହରାମ୍ (ଅବୈଦ୍ଧ) କରିନାହାନ୍ତି କିନ୍ତୁ ଯଦି କେହି ଏହି ଖାଇବା ପିଇବାକୁ ଦିବାରାତ୍ରର ଅଭ୍ୟାସ କରିନିଏ । ଅଲ୍ଲାହ୍ ଖାଇବା ପିଇବାରେ ସ୍ୱାଦ ରଖିଛନ୍ତି ଏଥିପାଇଁ କି ସେଥିରୁ ମଣିଷକୁ ଶକ୍ତି ମିଳିଥାଏ । ଯଦ୍ୱାରା ମଣିଷ ଅଲ୍ଲାହ୍‌ଙ୍କ କର୍ତବ୍ୟ ସମ୍ପାଦନ କରିଥାଏ । ଏକଦା ହଜରତ ମସିହ ମଉଦ ଆ.ସଙ୍କ ଉପରେ ଆପତି କରାଗଲା କି ହଜୁର ପଲୋଉ ଖାଇଥାନ୍ତି । ପ୍ରଥମ ଖଲିଫା ଏହାର ଉତର ଦେଇ କହିଲେ ମୁଁ ତ ହଦିସରେ କିମ୍ବା କୋରାନର କୌଣସି ସ୍ଥାନରେ ପଢ଼ି ନାହିଁ କି ସୁସ୍ୱାଦ ଖାଦ୍ୟ ଖାଇବା ନବୀମାନଙ୍କ ପାଇଁ ବୈଦ୍ଧ ନୁହେଁ । ସେ ଖାଇନେଲେ କ'ଣ ହେଲା, ଏହି ସୁନ୍ନତର ଆମ୍ଭକୁ ଅନୁସରଣ କରିବା ଉଚିତ୍ ଯାହାକି ହଜରତ ମହମ୍ମଦ ସ.ଆ ଆମ୍ଭ ନିକଟରେ ଉପସ୍ଥାପନ କଲେ । ଆପଣ ଜଣେ ସାହାବାଙ୍କୁ କହିଲେ ମୁଁ ସୁସ୍ୱାଦ ଖାଦ୍ୟ ଖାଉଛି, ସୁନ୍ଦର ବସ୍ତ୍ର ପରିଧାନ କରୁଛି, ମୁଁ ବିବାହ ମଧ୍ୟ କରିଛି ମୋର ସନ୍ତାନ ମଧ୍ୟ ଅଛନ୍ତି ମୁଁ ସୟନ କରୁଛି ଏବଂ ଉପାସନା ମଧ୍ୟ କରୁଛି । ଏହା ମୋର ସୁନ୍ନତ, ସୁତରାଂ ତୁମମାନଙ୍କୁ ଏହାର ଅନୁସରଣ କରିବା ଉଚିତ୍ ।

ହଜୁର ଆ.ସ କୁହନ୍ତି ଆମର ଶିକ୍ଷା ଏହି କି ଯେ, ସମସ୍ତଙ୍କ ସହ ଉତମ ଆଚରଣ କର ଏବଂ ପ୍ରଶାସନର ଆଜ୍ଞାବହ ହେବା ଉଚିତ୍ କାରଣ ସେ ଆମର ସୁରକ୍ଷା କରିଥାନ୍ତି । ଆମ ଧନଜୀବନ ସେମାନଙ୍କ ଯୋଗୁଁ ସୁରକ୍ଷିତ ରହିଥାଏ । ନିଜ ବନ୍ଧୁବାନ୍ଧବଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କର କାରଣ ସେମାନଙ୍କର ମଧ୍ୟ ତୁମ ଉପରେ ଅଧିକାର ରହିଛି । ହଁ ଯେ ଈଶ୍ୱର ଭୟ ରଖିନଥାନ୍ତି ଏବଂ ବିଦଅତ୍ ଓ ଶିରକ୍‌ରେ କବଳିତ ହୋଇ ଆମର ବିରୋଧ କରିଥାନ୍ତି । ସେମାନଙ୍କ ପଛରେ ନମାଜ ପାଠ କରିବା ଉଚିତ୍ ନୁହେଁ । କିନ୍ତୁ ସେମାନଙ୍କ ସହ ଉତମ ଆଚରଣ କରିବା ଆବଶ୍ୟକ । ସମସ୍ତଙ୍କର ମଙ୍ଗଳ କାମନା କରିବା ଉଚିତ୍ । ହଁ ସେମାନଙ୍କ ଧାର୍ମିକ କର୍ମ ସମ୍ପାଦନରୁ ନିଜକୁ ନିବୃତ ରଖିବା ଉଚିତ୍ । ନିଜ ଉତମ କର୍ମର ସୀମାକୁ କିଭଳି ବିସ୍ତାର କରିବା ସେଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି- ସହାନୁଭୂତିର ସୀମା ମୋ ମତରେ ବହୁତ ବିସ୍ତିର୍ଣ୍ଣ ଏହା କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିକୁ ଅଲଗା ଦୃଷ୍ଟିରେ ଦେଖିନଥାଏ । ମୁଁ ଆଜିକାଲିର ମୂର୍ଖମାନଙ୍କ ପରି ଏପରି କହିବି ନାହିଁ କି ତୁମେ ସହାନୁଭୂତିକୁ କେବଳ ମୁସଲମାନମାନଙ୍କ ମଧ୍ୟରେ ସୀମିତ ରଖ । ମୁଁ କହୁଛି ଅଲ୍ଲାହ୍‌ଙ୍କ ସମସ୍ତ ସୃଷ୍ଟି ସହ ସହନୁଭୂତି ପ୍ରଦର୍ଶନ କର ସେ ହିନ୍ଦୁ ହୁଅନ୍ତୁ ଅବା ମୁସଲମାନ କିମ୍ବା ଅନ୍ୟ କେହି । ମୁଁ କଦାପି ଏଭଳି ଲୋକମାନଙ୍କ କଥା ପସନ୍ଦ କରିନଥାଏ ଯେ ସହାନୁଭୂତି ପ୍ରଦର୍ଶନ କରିବାକୁ କେବଳ ନିଜ ଗୋଷ୍ଠୀର ଦର୍ଶାଇଥାନ୍ତି । ମୁଁ ତୁମକୁ ବାରମ୍ବାର ଉପଦେଶ ପୂର୍ବକ କହୁଅଛି ତୁମେ କଦାପି ସହାନୁଭୂତିକୁ ସୀମିତ ରଖ ନାହିଁ ଏବଂ ସହାନୁଭୂତି ପ୍ରଦର୍ଶନ ନିମନ୍ତେ ଏହି ଶିକ୍ଷାର ଅନୁସରଣ କର ଯାହାକି ଅଲ୍ଲାହ୍ ଦର୍ଶାଇଛନ୍ତି କି **ଇନ୍ନଲ୍ଲାହା ୟାମୁରୁ ବିଲ୍‌ଅଦଲି ୱଲ୍ ଇହ୍‌ସାନି ୱଇତାଇ ଜିଲ୍‌କୁରବା** ଅର୍ଥାତ ସତ୍‌କର୍ମ କରିବା ପାଇଁ ପ୍ରଥମେ ତୁମେ ନ୍ୟାୟବାନ ହୁଅ, ଯେ ତୁମ ସହ ଉତମ ଆଚରଣ କରୁଅଛି ତୁମେ ମଧ୍ୟ ତାହା ସହ ସମାନ ଆଚରଣ କର ଦ୍ୱିତୀୟରେ ତୁମେ ତା'ଠାରୁ ବଳି ସୁନ୍ଦର ଆଚରଣ କର ଏହା **ଏହେସାନ୍** ଅଟେ । ଯଦିଓ ଏହେସାନର ସ୍ତର ନ୍ୟାୟର ସ୍ତରଠାରୁ ଉର୍ଦ୍ଧ୍ୱରେ ଏବଂ ଏହା ଅଧିକ ପୁଣ୍ୟ ଅର୍ଜନ କରିବା ଅଟେ । କିନ୍ତୁ କଦାଚିତ୍ ଏପରି ହୋଇଥାଏ କି ଏହେସାନ୍‌କାରୀ ନିଜ ଏହେସାନ୍‌ର ପ୍ରକାଶ କରିଦେଇଥାଏ କିନ୍ତୁ ଏସମସ୍ତ ସ୍ତର ଉପରେ ଏକ ସ୍ତର ରହିଛି କି ମଣିଷ ଏଭଳି ସତ୍‌କର୍ମ କରିବା ଉଚିତ୍ କି ଯେମିତି ତା'ର ବ୍ୟକ୍ତିଗତ ଅଟେ ଏବଂ ଏହାର ଚର୍ଚ୍ଚା କରିବାର କିଂଚିତ ମାତ୍ର ଭାବନା ମଧ୍ୟ ମନରେ ନଥାଏ ଯେମିତି ମା ନିଜ ଛୁଆର ଲାଳନପାଳନ କରିଥାଏ । ସୁତରାଂ ଏଭଳି ମାର୍ଗରେ ଉତମକର୍ମ କର କି ତାହାକୁ ଚରମ ସୀମା ପର୍ଯ୍ୟନ୍ତ ପହଂଚାଇ ଦିଅ କାରଣ ଯେତେବେଳେ କେହି ଉନ୍ନତି କରିକରି ଶେଷ ସୀମାରେ ପର୍ଯ୍ୟନ୍ତ ପହଂଚିଯାଏ ସେତେବେଳେ ସେ ସମ୍ପୂର୍ଣ୍ଣ ହୋଇଯାଇଥାଏ ।

ସୁତରାଂ ଏଭଳି ଉତମକର୍ମ କର କି ହୃଦୟରେ ସର୍ବଦା ଉତମକର୍ମ ଉଙ୍କିମାରୁଥିବ । ଆପଣ କୁହନ୍ତି ଆଭ୍ୟନ୍ତରିଣ ଉଗ୍ରତାରେ ମାନବ ଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା **ଇତାଇଜିଲ୍ କୁରବା** ଅଟେ । ଏପରି ସ୍ତର ଧାର୍ଯ୍ୟ କରିବାରେ ଅଲ୍ଲାହ୍‌ଙ୍କ ଉଦ୍ଦେଶ୍ୟ ଯଦି ତୁମେ ପୂର୍ଣ୍ଣ ନ୍ୟାୟବନ୍ତ ହେବାକୁ ଇଚ୍ଛା କର ତେବେ ନିଜ ଉତମ କର୍ମକୁ **ଇତାଇଜିଲ୍ କୁରବା**ରେ ପହଂଚାଇଦିଅ ଅର୍ଥାତ ଯେତେବେଳେ କୌଣସି ଜିନିଷ ତାହାର ଚରମ ସୀମା ପର୍ଯ୍ୟନ୍ତ ପହଂଚି ନାହିଁ ସେପର୍ଯ୍ୟନ୍ତ ସେ ପୂର୍ଣ୍ଣତାର ସ୍ତର ହାସଲ କରିନଥାଏ ।

ହଜୁର ଆ.ସ କୁହନ୍ତି ମନେରଖ ଅଲ୍ଲାହ୍‌ତାଲା ଉତମ କର୍ମକୁ ବେଶ୍ ପସନ୍ଦ କରିଥାନ୍ତି ଏବଂ ସେ ଇଚ୍ଛା କରିଥାନ୍ତି କି ତାଙ୍କ ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କର ଯଦି ସେ ଅପକର୍ମକୁ ପସନ୍ଦ କରୁଥାନ୍ତେ ତେବେ ତାହାର ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥାନ୍ତେ କିନ୍ତୁ ଅଲ୍ଲାହ୍‌ତାଲା ସେଥିରୁ ପବିତ୍ର **ସୁବହାନହୁ ତାଲା ଶାନହୁ** । ଅଲ୍ଲାହ୍‌ତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଅଲ୍ଲାହ୍‌ଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଉତମକର୍ମ ସମ୍ପାଦନ କରୁ ଏବଂ ଅଲ୍ଲାହ୍‌ତାଲା ଆମମାନଙ୍କ ପାଇଁ **ଫସ୍‌ତବିକୁଲ୍ ଖୈରାତ୍** ଯେଉଁ ଲକ୍ଷ ନିର୍ଦ୍ଧାରଣ କରିଛନ୍ତି ତାହା ଆମେ ହାସଲ କରୁ ।

ଖୁତବାର ଶେଷରେ ହଜୁର ଅନୱର ଅ.ବ କହିଲେ- ମୁରବୀ ଶ୍ରୀମାନ ହାମିଦ୍ ମକସୁଦ୍ ସାହେବ ପିତା ଶ୍ରୀମାନ ଅଧ୍ୟାପକ ମସଉଦ୍ ଅହେମଦ୍ ଆତିଫ୍ ସାହେବ ଶ୍ରୀମାନ ଅଲ୍ଲୀ ସଇଦ ମୁସା ସାହେବ ଯେ Tanzaniaର ପୂର୍ବତନ ଅମିର୍ ଜମାଅତ ମଧ୍ୟ ଥିଲେ ଏବଂ ଶ୍ରୀମାନ ନୁସରତ୍ ବେଗମ୍ ସାହେବା ଗରମୁଲାଓ୍ୱରକାଁ ରବଓ୍ୱା ଉଭୟଙ୍କ ଦେହାନ୍ତର ଘୋଷଣା କରି ସେମାନଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ଅନ୍ତେ ସେମାନଙ୍କ ଜନାଯାଃ ଗାଏବ ପାଠ କଲେ ।


**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in


**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ନିକଟତର ହେବା ଚାହୁଁଛନ୍ତି, ସେମାନଙ୍କ ସହିତ ମିଳାମିଶା କରିବାକୁ ଚାହୁଁଛନ୍ତି, ଯେପରି ସେ ସମସ୍ତ ଲୋକଙ୍କୁ ଏ ବାର୍ତ୍ତା ଦେବାକୁ ଚାହୁଁଥିଲେ ଯେ ମୋତେ ଦେଖନ୍ତୁ ମୁଁ ମଧ୍ୟ ଆପଣମାନଙ୍କ ପରି ଜଣେ ସାଧାରଣ ବ୍ୟକ୍ତି ଅଟେ । ମୁଁ ସେହି ବ୍ୟକ୍ତିତ୍ୱକୁ ପୁନର୍ବାର ଦେଖିବାକୁ ଚାହୁଁଛି ।

ମେସିଡୋନିଆର ଓ୍ୱଫଦ୍ ଭିତରେ ଦୁଇଭଉଣୀ ନତାଶା ତରାଜ୍ କୋଏସ୍କା ଏବଂ ଏରିନା ତରାଜ୍ କୋଏସ୍କା ମଧ୍ୟ ସାମିଲ୍ ଥିଲେ । ଦୁଇଜଣ ସାଇକୋଲୋଜି ର ପ୍ରଫେସର ଅଟନ୍ତି । ସେମାନେ ତାଙ୍କ ଭାବନାକୁ ବ୍ୟକ୍ତ କରି କହିଲେ-ଜଲ୍‌ସାସାଲାନା ଗୋଟିଏ ଏପରି ଏକ ମୌକା ଥିଲା ଯେଉଁଠୁ ଆମେ ବହୁତ କିଛି ଶିଖିଲୁ ଏବଂ ଯାହାର ସ୍ମୃତି ଆମର ମନେରହିବ । ଆମ ଉପରେ ହଜୁର୍ ଅନୁଓ୍ୱର୍‌ଙ୍କର ବ୍ୟକ୍ତିତ୍ୱ ଓ ଆପଣଙ୍କ ଭାଷଣର ପ୍ରଭାବ ବିଶେଷ ରୂପେ ପଡିଥିଲା । ମନୁଷ୍ୟ ଆତ୍ମ ସନ୍ତୋଷ ଲାଭ କରିଥାଏ । ଏହି ଅବସରରେ ଆମେ ଇସ୍‌ଲାମ୍ ବିଷୟରେ ବହୁତ କିଛି ଶିକ୍ଷିପାରିଲୁ । ସେଥିଯୋଗୁଁ ଆମେ ଆନନ୍ଦିତ ଯେ ଆମକୁ ଏପରି ମହାନ୍ ବ୍ୟକ୍ତିଙ୍କ ଶାକ୍ଷାତ୍ ପ୍ରାପ୍ତ ହେଲା । ଆମକୁ ହଜୁର୍ ଅନୁଓ୍ୱର୍‌ଙ୍କ ବିନମ୍ରତା ବହୁତ ଭଲ ଲାଗିଲା । ସେହିପରି ଆପଣଙ୍କର ସାଧାରଣ ଲୋକଙ୍କ ନିକଟତର ହେବା ମଧ୍ୟ ବହୁତ ଭଲ ଲାଗିଲା । ଆପଣ ଗଭୀରତାକୁ ଯାଇ ମାମଲାର ପ୍ରତ୍ୟେକ ପାର୍ଶ୍ୱକୁ ଆୟତ କଲେ ଏବଂ ପ୍ରତ୍ୟେକ ଲୋକଙ୍କ ସହିତ ଯେଉଁ ବାର୍ତ୍ତାଳାପ ଏବଂ ମାର୍ଗଦର୍ଶନ କଲେ । ଏହି ସବୁ ବିଷୟ ପ୍ରଶଂସନୀୟ ଥିଲା । ଖଲିଫତୁଲ୍ ମସିହ୍‌ଙ୍କ ନିକଟରୁ ଆମେ ପ୍ରେମ, ଶାନ୍ତି ଏବଂ ସନ୍ତୋଷତା ଅନୁଭବ କଲୁ ।

ମେସିଡୋନିଆରୁ ଆସିଥିବା ଆଉ ଜଣେ ଅତିଥି ଇଗୋର୍‌ତୁ ଶୋସୁକି କହିଲେ- ମୁଁ ଏହିପରି ସଭାରେ ପ୍ରଥମ ଥର ପାଇଁ ଯୋଗ ଦେଇଛି । ଏଠାରେ ଆମ ଚତୁଃପାର୍ଶ୍ୱରେ ଥିବା ଲୋକମାନେ ପ୍ରେମ ଓ ସ୍ନେହକୁ ପ୍ରକାଶ କରୁଥିଲେ । ଏହିପରି ଅନୁଭୂତି ଦ୍ୱାରା ଇସ୍‌ଲାମ୍ ବିଷୟରେ ମୁଁ ଅଧିକ କିଛି ଜାଣିପାରିଲି । ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଦ୍ୱାରା ମୁଁ ବହୁତ ପ୍ରଭାବିତ ହେଲି । ଆପଣଙ୍କର ଶବ୍ଦଗୁଡିକ ମୋ ଆତ୍ମାକୁ ଶାନ୍ତି ପ୍ରଦାନ କଲେ । ବିଶେଷ କରି ମୁଁ ଏକଥାରେ ବହୁତ ପ୍ରଭାବିତ ଏବଂ ଆଶ୍ଚର୍ଯ୍ୟ ହେଲି ଯେତେବେଳେ ହଜୁର୍ ହଲ୍ ଭିତରେ ପ୍ରବେଶ କଲେ । ହଜୁର୍‌ଙ୍କର ହଲ୍‌ଭିତରେ ଆଗମନ ହେବା କ୍ଷଣି ଲୋକମାନେ ନାରା ଲଗାଉଛନ୍ତି ଏବଂ ହଜୁର୍‌ଙ୍କୁ ସଲାମ୍ ପ୍ରେରଣ କରୁଛନ୍ତି । ମୁଁ ଏହି ତିନିଦିନରେ ଯାହା କିଛି ଦେଖିଲି, ମୋ ପରିଚିତ ବ୍ୟକ୍ତିମାନଙ୍କୁ ଏ ସବୁ କଥା ଜଣାଇବି । ସେମାନଙ୍କୁ କହିବି ଯେ ସେମାନେ ମଧ୍ୟ ଏହିପରି ଆଶ୍ଚର୍ଯ୍ୟନ୍ୱିତ ଦୃଶ୍ୟ ଦେଖିବା ପାଇଁ ଜଲ୍‌ସାକୁ ଆସନ୍ତୁ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍ ମୋ ଉପରେ ଗଭୀର ପ୍ରଭାବ ପକାଇଲା । ଯେତେବେଳେ ଆମେ ଆପଣଙ୍କୁ ହଲ୍ ଭିତରେ ଦେଖିଥିଲୁ ତ ଭାବିଥିଲୁ ଯେ କୌଣସି ଲୋକ ଆପଣଙ୍କ ପର୍ଯ୍ୟନ୍ତ ପହଂଚି ପାରିବ ନାହିଁ । କିନ୍ତୁ ସାକ୍ଷାତ୍‌କାର୍ ଅବସରରେ ମୁଁ ଆପଣଙ୍କ ହାତକୁ ମଧ୍ୟ ସ୍ପର୍ଶ କଲି ଏବଂ ହାତ ମିଳାଇଲି । ମୋତେ ଯଦି ପୁନର୍ବାର ମୌକା ମିଳିବ ତେବେ ମୁଁ ନିଶ୍ଚିତ ରୂପେ ଆସିବି ।

ଜଣେ ମହିଳା କହିଲେ ଯେ ହଜୁର୍ ଅନୁଓ୍ୱର୍ ଲଜ୍‌ନା ମାନଙ୍କ ନିମନ୍ତେ ଦେଇଥିବା ଅଭିଭାଷଣରେ କହିଥିଲେ ଯେ ମହିଳାମାନେ କାମ ନକରନ୍ତୁ । ମହିଳାମାନଙ୍କର କି ପ୍ରକାର ହକ୍ ଅଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ଏହା କହିଥିଲି ଯେ ନିଜ ପିଲାଙ୍କ ତର୍‌ବିଅତ୍ ନିମନ୍ତେ ଭଲ ହେବ ଯେ ଆପଣ କାମ ନକରନ୍ତୁ । ପିଲାମାନଙ୍କ ତର୍‌ବିଅତ୍ କରନ୍ତୁ ଏବଂ ସେମାନଙ୍କ ଧ୍ୟାନ ରଖନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଜାଣିଛି ଯେ କିଛି ମହିଳା ନିଜ ପିଲାମାନଙ୍କୁ ସମ୍ଭାଳିବା ପାଇଁ ଏବଂ ତାଙ୍କର ତର୍‌ବିଅତ ପାଇଁ କାମ ଧନ୍ଦା ଛାଡ଼ିଦେଇଛନ୍ତି ଏବଂ ଯେତେବେଳେ ପିଲାମାନେ ବଡ଼ ହୋଇଗଲେ ତେବେ ପୁନର୍ବାର କାମ ଆରମ୍ଭ କରିଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମହିଳାମାନଙ୍କୁ ଦରକାର ଯେ ସେମାନେ ନିଜର ଦାୟିତ୍ୱକୁ ତୁଳାନ୍ତୁ । ଯଦି ଦୁଇଟି ଅପସନ୍ ଅଛି ତେବେ ଦେଖନ୍ତୁ ଯେ ସେଥିରୁ କେଉଁଗୋଟିଏ ଉତମ ହେବ । ଯେଉଁଟି ଉତମ ହେବ ସେହି ଅପ୍‌ସନ୍‌କୁ ଗ୍ରହଣ କରନ୍ତୁ ।

ଜଣେ ମହିଳା ପଚାରିଲେ ଯେ ହଜୁର୍ ଅନୁଓ୍ୱର୍ ନିଜ ଭାଷଣରେ କହିଥିଲେ କି ମହିଳା ଓ ପୁରୁଷମାନଙ୍କୁ ସମାନ ଅଧିକାର ଦିଆଯାଇଛି । ଦୁଇଜଣଯାକ କାମ କରୁଛନ୍ତି । ମହିଳାମାନେ ତାଙ୍କ କାମ କରୁଛନ୍ତି ଏବଂ ପୁରୁଷମାନେ ତାଙ୍କ କାର୍ଯ୍ୟକୁ କରୁଛନ୍ତି । ଏହା ଆମକୁ ବହୁତ ଭଲ ଲାଗିଲା । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯମାତ୍‌ର ମହିଳାମାନେ ଏହା ଉପରେ ଅମଳ କରୁଛନ୍ତି । ଯେଉଁ ମହିଳାମାନେ ଘରେ ରହୁଛନ୍ତି ସେମାନଙ୍କର ପିଲାମାନେ ତର୍‌ବିଅତ୍ ଦୃଷ୍ଟି କୋଣରୁ ବହୁତ ଭଲ । ସେମାନଙ୍କର ବହୁତ ଉତମ ରୂପେ ଲାଳନ ପାଳନ କରାଯାଉଛି ଏବଂ ତାଙ୍କର ତର୍‌ବିଅତ୍ ମଧ୍ୟ ହେଉଛି । ନିଜ ନିଜର ପରିଧିରେ ରହି ଦୁଇଜଣ କାମ କରୁଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଗୋଟିଏ ଜିନିଷ ଆପଣ ଦେଖିପାରିଲେ ନାହିଁ ଯାହା ଲୁକାୟିତ ଥିଲା ତାହା ହେଉଛି ଏ ଜଲ୍‌ସାରେ ପୁରୁଷମାନେ ସ୍ତ୍ରୀ ମାନଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଯେପରି ଘରେ ମହିଳାମାନେ ପୁରୁଷଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ।

ମେସିଡୋନିଆରୁ ଆସିଥିବା ଆଉଜଣେ ମହିଳା ଅତିଥି ଦାନ୍‌ଚେ ଆଜ୍‌ମା ନୁଓ୍ୱା । ସେ ଗୋଟିଏ ଟି.ଭି ର ସାମ୍ବାଦିକା । ସେ କହିଲେ ଏ ଜଲ୍‌ସା ମୋ ଉପରେ ଇସ୍‌ଲାମ୍‌ର ନୂଆ ନୂଆ ଦିଗ ପ୍ରତି ମାର୍ଗ ଦର୍ଶନ କଲା । ଏପରି ଗୋଟିଏ ସମୟ ଥିଲା ଯେ 'ଇସ୍‌ଲାମ୍' ଶବ୍ଦଟି ମୋ ପାଇଁ ହରାମ୍ ଥିଲା । ଏବେ ଇସ୍‌ଲାମ୍‌ର ନୂଆ ପରିଚୟ ମୋତେ ମିଳିଛି । ମୁଁ ଜଣେ ସାମ୍ବାଦିକା ହିସାବର ଏହି ନୂଆ ପରିଚୟ ପାଇ ଆପଣମାନଙ୍କୁ ଧନ୍ୟବାଦ ଦେଉଛି । ଏହି ମନୋଭାବକୁ ମୁଁ ମୋ ସାଥିରେ ମେସିଡୋନିଆ ନେଇ ଯାଉଅଛି । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଆମର ଯେଉଁ ସାକ୍ଷାତ୍‌କାର ହୋଇଥିଲା ତାହା ଆମ ଉପରେ ବହୁତ ଯୁକ୍ତାତ୍ମକ ପ୍ରଭାବ ପକାଇଲା । ଏହା ଆମ ପାଇଁ ନୂଆ ଅନୁଭବ ଥିଲା । ଏହି ଶାକ୍ଷାତ୍‌କାରକୁ ମୁଁ ସବୁବେଳ ପାଇଁ ମନେରଖିବି । ହଜୁର୍ ଅନୁଓ୍ୱର୍ ଙ୍କର ସୁନ୍ଦର ଶୈଳୀ ଏବଂ ପ୍ରେମପୂର୍ଣ୍ଣ ବାର୍ତାଳାପରେ ମୁଁ ବହୁତ ଆନନ୍ଦିତ । ଏହା ଆମପାଇଁ ଏକ ସମ୍ମାନର ବିଷୟ ଥିଲା ଯେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଆମେ ଫଟୋ ଉଠାଇଲୁ ଯାହା ମୋ ପାଇଁ ସ୍ମରଣୀୟ ହୋଇ ରହିବ । ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖି ଇସ୍‌ଲାମ୍‌ର ସତ୍ୟତା ମନେ ପଡ଼ିବ ଯେ ଯଦି ଇସ୍‌ଲାମ୍‌କୁ ବୁଝିବାକୁ ଚାହଁ ତେବେ ପବିତ୍ର କୋରାନ୍‌ରୁ ପ୍ରତ୍ୟକ୍ଷ ରୂପେ ଶିଖିବାକୁ ହେବ । ବାସ୍ତବିକ ଇସ୍‌ଲାମ୍‌କୁ ରେଡିକାଲ୍ ଇସ୍‌ଲାମ୍ ସହିତ ମିଶାଇବା ଉଚିତ୍ ନୁହେଁ । ଶେଷରେ ଏହା କହିବାକୁ ମୁଁ ଚାହିଁବି ଯେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର ପ୍ରତ୍ୟେକ ଉତରରେ ସନ୍ତୋଷ ଲାଭ କରିଛି । ସେଥିଯୋଗୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଆପଣ ମୋତେ ଇସ୍‌ଲାମ୍‌ର ନୂଆ ଦିଗ ପ୍ରତି ମାର୍ଗଦର୍ଶନ କରାଇଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ହିଁ ମୁଁ ଇସ୍‌ଲାମ୍‌ର ପ୍ରକୃତ ଛବିକୁ ଦେଖିଲି ।

Cale Ristekski ସାହେବ୍ ହେଉଛନ୍ତି ମେସିଡୋନିଆର ଗୋଟିଏ ଟି.ଭି ର ସାମ୍ବାଦିକ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ଏହିପରି ମିଟିଂଗ୍‌ରେ ପ୍ରଥମ ଥର ପାଇଁ ସାମିଲ୍ ହୋଇଛି । ଏହାସବୁ ମୋ ପାଇଁ ନୂଆ ଥିଲା । ମୁଁ ମୁସଲମାନଙ୍କ ବିଷୟରେ ବହୁତ କିଛି ଶିଖିପାରିଲି । ଜଲ୍‌ସାରେ କାମ କରୁଥିବା ଲୋକମାନେ ଥକ୍କା ମାନ୍ଦା ଜଣାପଡୁନଥିଲେ । ଏହି କଥା ମୋ ପାଇଁ ଆଶ୍ଚର୍ଯ୍ୟର କଥା ଥିଲା ଯେ ଏତେ ସଂଖ୍ୟାରେ ଲୋକ ଗୋଟିଏ ଯାଗାରେ ଏକତ୍ରିତ ହୋଇଥିଲେ ଏବଂ ପ୍ରତ୍ୟେକ ନିଜ ନିଜର କାମ କରିଚାଲିଥିଲା । କାହାକୁ କୌଣସି ପ୍ରକାର ସମସ୍ୟାର ସମ୍ମୁଖିନ ହେବାକୁ ପଡୁନଥିଲା । ମୁଁ ଏପରି ଲୋକମାନଙ୍କ ଭିତରେ ଥିବା ଯୋଗୁ ବହୁତ ଆନନ୍ଦିତ । ଏମାନଙ୍କ ଭିତରୁ ବହୁତ ଲୋକ ମୋର ବନ୍ଧୁ ହୋଇଯିବେ ଏବଂ ବନ୍ଧୁତ୍ୱ ହିଁ ଅସଲ ଧନ ଅଟେ । ଏ ଜଲ୍‌ସା ପରେ ମୁଁ ନିଜକୁ ଧନୀ ରୂପେ ଅଭିହିତ କରୁଅଛି । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର ମଧ୍ୟ ମୋ ଉପରେ ବହୁତ ପ୍ରଭାବ ପକାଇଛି । ହଜୁର୍ ଅନୁଓ୍ୱର୍ ପ୍ରତ୍ୟେକ ପ୍ରଶ୍ନର ଉତର ଦେବାପାଇଁ ସର୍ବଦା ପ୍ରସ୍ତୁତ । ଆପଣ ଏପରି ଉତର ଦେଲେ ଯେପରି ଆପଣ ପ୍ରଶ୍ନଗୁଡିକ ପୂର୍ବରୁ ଜାଣିଥିଲେ । ଶେଷରେ ଆମେ ସମସ୍ତେ ହଜୁର୍‌ଙ୍କ ସହିତ ଫଟୋ ଉଠାଇଲୁ । ଏହା ସମସ୍ତେ କରନ୍ତି ନାହିଁ । ଏହା ମଧ୍ୟ ଏ କଥାର ଗୋଟିଏ ପ୍ରମାଣ ଯେ ଆପଣ ଜଣେ ମହାନ ବ୍ୟକ୍ତିତ୍ୱର ମାଲିକ୍ ଅଟନ୍ତି ।

ମେସିଡୋନିଆରୁ ଆସିଥିବା ଆଉ ଜଣେ ଅତିଥି Rodne Deoska ସାହିବା । ସେ ମଧ୍ୟ ଟିଭିର ହେଉଛନ୍ତି ଜଣେ ସାମ୍ବାଦିକା । ସେ କହୁଛନ୍ତି ଏ ଜଲ୍‌ସା ମୋ ପାଇଁ ଜଣେ ସାମ୍ବାଦିକା ହିସାବରେ ଏକ ନୂଆ ଅନୁଭବ ଥିଲା । ସାମ୍ବାଦିକ ମାନଙ୍କ ପାଇଁ ଇଂଟର୍‌ନ୍ୟାସ୍‌ନାଲ୍ ସ୍ତରରେ କୌଣସି ନୂଆ ଘଟଣା ବା ନୂଆ କଥା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ମୁଁ ନିଜକୁ ବହୁତ ସୌଭାଗ୍ୟଶାଳୀ ଭାବୁଛି ଯେ ମୁଁ ଏହି ଜଲ୍‌ସାକୁ ପ୍ରତ୍ୟେକ୍ଷ ରୂପେ ଦେଖିଲି ଏବଂ ଏହାର ପରିଚୟ ହାସଲ କଲି । ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥା ମୋ ଉପରେ ବିଶେଷ ରୂପେ ପ୍ରଭାବ ପକାଇଛି । ଏହି ଜଲ୍‌ସାରେ ମୁଁ ଇସ୍‌ଲାମ୍ ବିଷୟରେ ଅନେକ କଥା ଶିଖିଛି । ଯେଉଁମାନେ ଇସ୍‌ଲାମ୍ ଗ୍ରହଣ କଲେ ସେମାନଙ୍କର ମୁଁ ମଧ୍ୟ ଇଂଟର୍‌ଭ୍ୟୁ ନେଇଛି । ଯେବେ ମୁଁ ମେସିଡୋନିଆ ଫେରିବି ସେତେବେଳେ ଏହି ସମସ୍ତ ରେକର୍ଡିଂଗ୍‌ର ଗୋଟିଏ ଡକୁମେଂଟାରୀ ପ୍ରସ୍ତୁତ କରିବି ଏବଂ ଏହି ବାର୍ତାକୁ ମାସିଡୋନିଆନ୍ କୌମ(ଜାତି) କୁ ପହଂଚାଇବି । ପୁଣି ସେ କହିଲେ ହଜୁର୍ ଅନୁଓ୍ୱର୍ ଙ୍କର ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ । ଆପଣ ଏପରି ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ନିକଟରେ ପ୍ରତ୍ୟେକ ପ୍ରଶ୍ନର ଉତର ଅଛି । ଆପଣ ପ୍ରତ୍ୟେକ ପ୍ରଶ୍ନର ଉତର ବହୁତ ଧୀର, ନମ୍ର ଏବ ଧୈର୍ଯ୍ୟର ସହିତ ଦେଉଥିଲେ । ଏହା ଏକଥାର ପ୍ରମାଣ ଯେ ଆପଣ ସାଧାରଣ ଲୋକଙ୍କର କେତେ ନିକଟତର

ଅଟନ୍ତି । ଯଦିଚ ମୋ ପାଖରେ ବହୁତ ପ୍ରଶ୍ନ ଥିଲା ଯାହା ସବୁ ମୁଁ ହଜୁରଙ୍କୁ କହିବାକୁ ଚାହୁଥିଲି ତାହା ତ କରିପାରିଲି ନାହିଁ କିନ୍ତୁ ମୁଁ ନିଜକୁ ବହୁତ ସୌଭାଗ୍ୟବତୀ ଭାବୁଛି ଯେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଏତେ ନିକଟତର ହୋଇପାରିଲି । ମୁଁ ଆଶା କରୁଛି ଆସନ୍ତା ବର୍ଷ ପୁନର୍ବାର ଏଠାକୁ ଆସିବି ।

ଆଉଜଣେ ବ୍ୟକ୍ତି ମେରାଜ୍ ବାବଦରେ ପ୍ରଶ୍ନ କଲେ ଯେ ଅନ୍ୟ ମୁସଲ୍‌ମାନଙ୍କର ଏହା ବିଶ୍ୱାସ ଅଟେ ଯେ ଆଁ ହଜ୍‌ରତ୍ ସ:ଆ:ସ ସ୍ୱ ଦେହରେ ଆକାଶକୁ ଯାଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମର ବିଶ୍ୱାସ ହେଉଛି ଯେ ମେରାଜ୍ ଗୋଟିଏ ଆଧ୍ୟାତ୍ମିକ ଦୃଶ୍ୟ ଥିଲା । ପ୍ରକୃତିର କାନୁନ୍ ଅନୁସାରେ କୌଣସି ମନୁଷ୍ୟ ଏପରି ସ୍ୱ ଦେହରେ ଆକାଶକୁ ଯାଇପାରିବ ନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମେରାଜ୍‌ରେ ଆଁ ହଜ୍‌ରତ୍ ସ:ଆ:ସ ଦ୍ୱିତୀୟ ଆକାଶରେ ହଜ୍‌ରତ୍ ଇସା ଆ:ସ ଙ୍କୁ ଦେଖିଲେ ଏବଂ ଅନ୍ୟ ନବୀମାନଙ୍କୁ ମଧ୍ୟ ଦେଖିଲେ । ଏ କଥା ଅନୁସାରେ ବାକି ନବୀମାନେ ମଧ୍ୟ ହଜ୍‌ରତ୍ ଇସା ଆ:ସଙ୍କ ସାଥିରେ ଜୀବିତ ଅଛନ୍ତି । ଯଦିଚ ବାସ୍ତବରେ ଏପରି ନୁହେଁ । ନା ଇସା ଜୀବିତ ଅଛନ୍ତି ଓ ନା ବାକି ନବୀମାନେ ଜୀବିତ ଅଛନ୍ତି । ବାସ୍ତବିକତା ଏହା ଅଟେ ଯେ ମେରାଜ୍‌ର ଘଟଣା ଗୋଟିଏ ଆଧ୍ୟାତ୍ମିକ ଦୃଶ୍ୟ ଥିଲା ।

ମେସିଡୋନିଆର ଗୋଟିଏ ସୋସିଆଲ୍ ଓ୍ୱେଲ୍‌ଫେୟାର୍ ସଂସ୍ଥାରେ କାମ କରୁଥିବା ୩ଜଣ ମହିଳା ନତାଲିଆ ସାହିବା, ଓ୍ୱଲିକିକ୍ ଲେଓ୍ୱା ସାହିବା ଏବଂ ମାରିଜା ସାହିବା ଆଦି ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଏହି ମହିଳାମାନେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଆମ ଚତୁଃପାର୍ଶ୍ୱରେ ସେଠି ବହୁତ ମୁସଲ୍‌ମାନ୍ ରହୁଛନ୍ତି । କିନ୍ତୁ ଇସ୍‌ଲାମ୍‌ର ଏଭଳି ଚିତ୍ର ଏବଂ ଏହାର ଏପରି ସାମାଜିକ ପ୍ରଦର୍ଶନ ଆମ ପାଇଁ ସମ୍ପୂର୍ଣ୍ଣ ରୂପେ ଅତୁଳନୀୟ ଘଟଣା । ଆମେ ଆପଣଙ୍କର ଲୋକମାନଙ୍କୁ ଓ ଆପଣଙ୍କ ଶିକ୍ଷା ଓ ଆପଣଙ୍କର ଲିଡର୍‌ସିପ୍‌କୁ ଦେଖିସାରିଛୁ ଓ ଆମେ ଏହି ଅନୁଭବକୁ ସାଥିରେ ନେଇ ଫେରୁଛୁ ଯେ ସେଠିକାର ମୁସଲ୍‌ମାନ୍ ମାନଙ୍କୁ ଆପଣଙ୍କ ଯମାତ୍ ବିଷୟରେ ପରିଚୟ କରାଇପାରିବୁ । ଏ ଯମାତ୍ ଏବଂ ଏହି ଜଲ୍‌ସା ଅନ୍ୟ ମୁସଲ୍‌ମାନଙ୍କ ପାଇଁ ନମୁନା ସଦୃଶ ଅଟେ । ଏବଂ ଶାନ୍ତିପୂର୍ଣ୍ଣ ଶିକ୍ଷା ଏବଂ ଏପରି ସୁସଙ୍ଗଠିତ ଯମାତ୍ ଏଥିପାଇଁ ଯୋଗ୍ୟ ଅଟେ ଯେ ସେ ଆନ୍ତର୍ଜାତିକ ସ୍ତରରେ ମୁସଲ୍‌ମାନଙ୍କର ପ୍ରତିନିଧିତ୍ୱ କରୁ । ଏଥର ତ ଆମେ କାହାର ନିମନ୍ତ୍ରଣରେ ଏଠାକୁ ଆସିଛୁ । କିନ୍ତୁ ଆମେ ଆଶା ରଖିଛୁ ଯେ ଆସନ୍ତାକୁ ଆମେ ଅତିଥିମାନଙ୍କୁ ସାଥିରେ ନେଇ ଆସିବୁ ଏବଂ ଆପଣଙ୍କ ଯମାତ୍‌ର ପରିଚୟକୁ ମାସିଡୋନିଆର ମୁସଲ୍‌ମାନଙ୍କୁ ଯାଇ ଆମେ ନିଜେ ଦେବୁ ।

ଜଣେ ମହିଳା ଅତିଥି ଓ୍ୱାସ୍‌କା ଜୁଲିଆ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଜଲ୍‌ସାର କାର୍ଯ୍ୟକ୍ରମ ବ୍ୟବସ୍ଥା ବହୁତ ଉତମ ଥିଲା । ଆପଣ ମାନଙ୍କର ଆତିଥ୍ୟତା ଦେଖି ମୁଁ ବହୁତ ପ୍ରଭାବିତ ହେଲି । ଆମର ରହିବା ସ୍ଥଳୀ ବହୁତ ଭଲ ଥିଲା । ଏ ଜଲ୍‌ସାରେ ସାମିଲ୍ ହେବା ମୋ ସମ୍ମାନର ବିଷୟ । ହଜୁର୍ ଅନୁଓ୍ୱର୍‌ଙ୍କର ଜ୍ଞାନବର୍ଦ୍ଧକ ଅଭିଭାଷଣ, ଶାନ୍ତିର ବାର୍ତ୍ତା ଏବଂ ହଜୁର୍ ଅନୁଓ୍ୱର୍‌ଙ୍କର ଭାବନା ବହୁତ ଉଚ୍ଚକୋଟୀର । ଆପଣ ଇସ୍‌ଲାମ୍‌ର ଯେଉଁପରି ଆମକୁ ପରିଚୟ କରାଇଲେ ତାହା ବହୁତ ଭଲ ଲାଗିଲା ଏବଂ ମୋ ଉପରେ ଏହାର ପ୍ରଭାବ ପଡ଼ିଲା । ପୁଣି ସେ କହିଲେ ଆଜି ଆମକୁ ଏ ସମ୍ମାନ ମଧ୍ୟ ମିଳିଛି ଯେ ଆମେ ହଜୁର୍‌ଙ୍କର ନିକଟତର ହୋଇପାରିଛୁ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର ବିନମ୍ରତା, ଲୋକଙ୍କ ସହିତ ବ୍ୟବହାର ଏବଂ ଆପଣଙ୍କ ବାର୍ତ୍ତାଳାପ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମୁଁ ଆପଣଙ୍କର ବହୁତ କୃତଜ୍ଞ ଅଟେ ଯେ ଆପଣ ଆମକୁ ଏଥିପାଇଁ ଅବସର ପ୍ରଦାନ କଲେ । ଯଦି ମୋତେ ମୌକା ମିଳିବ ତେବେ ପୁନର୍ବାର ମୁଁ ନିଶ୍ଚିତ ଏଠାକୁ ଆସିବି ।

ଜଣେ ମହିଳା ଆନିତା ଗୋନ୍ଦ୍‌ରୁଆ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ଜଲ୍‌ସା ସାଲାନାର ପ୍ରବନ୍ଧ ଓ ବ୍ୟବସ୍ଥାକାରୀ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି । ଏବଂ ପ୍ରଥମ ଥର ଏଥିରେ ସାମିଲ୍ ହୋଇ ମୁଁ ବହୁତ ଖୁସି ଅଛି । ଏହି ଜଲ୍‌ସା ସମ୍ପର୍କରେ ମୋର ଧାରଣା ବହୁତ ସକରାତ୍ମକ । ମୋତେ ଯମାତ୍ ଅହେମଦୀୟାର ଆତିଥ୍ୟତା ବହୁତ ପ୍ରଭାବିତ କରିଛି । ହଜୁର୍ ଅନୁଓ୍ୱର୍‌ଙ୍କର ଅଭିଭାଷଣ ମୋତେ ବହୁତ ପସନ୍ଦ ଲାଗିଲା । ଆପଣଙ୍କର ବାର୍ତ୍ତା ବହୁତ ପ୍ରଭାବିତ କରିଛି । ମାନବ କଲ୍ୟାଣ ପାଇଁ ଆପଣଙ୍କର ବାର୍ତ୍ତା, ଧିରସ୍ଥିର ବ୍ୟକ୍ତିତ୍ୱ, ଏ ସବୁ ବହୁତ ପ୍ରଭାବଶାଳୀ ଥିଲା । ସାକ୍ଷାତ୍‌କାର୍ ପରେ ସେ କହିଲେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ବହୁତ ସକରାତ୍ମକ ଭାବନା ଓ ଆତ୍ମସନ୍ତୋଷତାକୁ ନେଇ ଫେରୁଅଛି । ଖଲିଫାଙ୍କର ସନ୍ତ୍ରାସବାଦ ବିଷୟରେ ସ୍ୱଷ୍ଟ ବିଚାର ମଧ୍ୟ ମୋତେ ବହୁତ ପ୍ରଭାବିତ କରିଛି । ଆପଣ ମହିଳାମାନଙ୍କର ମର୍ଯ୍ୟାଦା ବିଷୟରେ ଯେଉଁ ଇସ୍‌ଲାମୀ ଶିକ୍ଷାକୁ ବର୍ଣ୍ଣନା କଲେ ଏବଂ ଏ ବାବଦରେ ପ୍ରଶ୍ନଗୁଡିକର ଉତର ଦେଲେ, ଏହାଦ୍ୱାରା ବି ମୁଁ ବହୁତ ପ୍ରଭାବିତ ହୋଇଛି । ସେଥିଯୋଗୁ ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ଆଉଜଣେ ମହିଳା ଅତିଥି ମାରିଆ ତୋଦୁ ରଓ୍ୱା ସାହିବା କହିଲେ ମୁଁ ପ୍ରଥମ ଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଜଲ୍‌ସାର କାର୍ଯ୍ୟକ୍ରମ ବ୍ୟବସ୍ଥା ବହୁତ ସୁନ୍ଦର ଥିଲା । ଜଲ୍‌ସାର ଖାଦ୍ୟପେୟ ମଧ୍ୟ ବହୁତ ଭଲ ଥିଲା । ଲୋକମାନେ ଆତିଥ୍ୟତା ମଧ୍ୟ ବହୁତ ଭଲ କଲେ । ଆମର ବହୁତ ସେବା କଲେ । ସବୁବେଳେ ଆମର ଧ୍ୟାନ ରଖିଲେ । ପ୍ରତ୍ୟେକ ଲୋକ ପ୍ରତ୍ୟେକ ସମୟରେ କାହାର ଆବଶ୍ୟକତାକୁ ପୁରଣ କରିବା ପାଇଁ ପ୍ରସ୍ତୁତ ରହୁଥିଲେ । ଏତଦ୍‌ବ୍ୟତୀତ ମୁଁ ସବୁ ବକ୍ତା ମାନଙ୍କର ଭାଷଣ ଶୁଣି ମଧ୍ୟ ବହୁତ ପ୍ରଭାବିତ ହେଲି । ମୁସଲ୍‌ମାନଙ୍କ ବିଷୟରେ ଅନେକ କଥା ମୁଁ ଜାଣିପାରିଲି । ଏବଂ ସେଗୁଡିକ ମୋ ଉପରେ ବହୁତ ପ୍ରଭାବ ପକାଇଲା । ମୁଁ ଏହି ଅଭିଜ୍ଞତାକୁ ମେସିଡୋନିଆରେ ମୋ ଜଣାଶୁଣା ଲୋକଙ୍କ ସହିତ ପହଂଚାଇବି । ମୋତେ ଯଦି ପୁନର୍ବାର ମୌକା ମିଳେ ତ ନିଶ୍ଚିତ ରୂପେ ମୁଁ ଏ ଜଲ୍‌ସାରେ ଯୋଗଦେବି । ମୋତେ ଏହା ମଧ୍ୟ ସମ୍ମାନ ମିଳିଲା ଯେ ମୁଁ ନିଜେ ହଜୁର୍‌ମାନଙ୍କ ସହିତ ସାକ୍ଷାତ୍ କଲି । ହଜୁର୍ ଆମକୁ ବହୁତ ସମୟ ଦେଲେ । ଏକଥାରେ ମୁଁ ବହୁତ ପ୍ରଭାବିତ । ଖଲିଫତୁଲ୍ ମସିହ୍ ଆମ ପ୍ରତ୍ୟେକ ପ୍ରଶ୍ନର ଉତର ବହୁତ ସ୍ୱଷ୍ଟ ଏବଂ ବ୍ୟାଖ୍ୟା କରି ଉତମ ଶୈଳୀରେ ଦେଲେ । ମୋ ପାଇଁ ଏହା ମଧ୍ୟ ଏକ ସମ୍ମାନର ବିଷୟ ଥିଲା ଯେ ମୁଁ ଜଣେ ପୁଣ୍ୟବାନ୍ ଓ ପ୍ରିୟ ଖଲିଫାଙ୍କ ଅତିଥି ହୋଇଥିଲି ।

ମେସିଡୋନିଆ ଓ୍ୱଫଦ୍ ସହିତ ଏହି ସାକ୍ଷାତ୍‌କାର ୭:୧୦ ପର୍ଯ୍ୟନ୍ତ ଜାରି ରହିଲା । ଓ୍ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ଜଣଜଣ କରି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ହାସଲ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

## ବୁଲ୍‌ଗେରିଆ

ଏହାପରେ ବୁଲ୍‌ଗେରିଆରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ପାଇଲେ । ଏ ବର୍ଷ ବୁଲ୍‌ଗେରିଆରୁ ୫୨ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାସାଲାନା ଜର୍ମାନୀରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୦ଜଣ ହେଉଛନ୍ତି ଅହେମଦୀ ଏବଂ ୩୨ଜଣ ଗଏର୍ ଅହେମଦୀ ଅତିଥି ଥିଲେ । ସେମାନଙ୍କ ମଧ୍ୟରୁ ୪୩ ଜଣ ବସ୍ ଜରିଆରେ ୩୦ଘଂଟାର ରାସ୍ତା ଅତିକ୍ରମ କରି ଜର୍ମାନୀ ପହଂଚିଥିଲେ । ବୁଲ୍‌ଗେରିଆର ଓ୍ୱଫଦ୍‌ରେ ବିଜ୍‌ନେସ୍ ମେନ୍, ଓକିଲ, ଲେକ୍‌ଚରର୍, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକ ମଧ୍ୟ ସାମିଲ୍ ଥିଲେ ।

ବୁଲ୍‌ଗେରିଆରୁ ଆସିଥିବା ଜଣେ ମହିଳା ଅତିଥି ଆସେନୋଭା ସାହିବା କହିଲେ ମୁଁ ପ୍ରଥମଥର ଏ ଜଲ୍‌ସାରେ ଯୋଗ ଦେଇଛି । ବୁଲ୍‌ଗେରିଆର ଅହେମଦୀଙ୍କ ଠାରୁ ମୁଁ ଏ ଜଲ୍‌ସା ବିଷୟରେ ବହୁତ କିଛି ଶୁଣିଥିଲି । ଏଠି ଅନେକ ଜାତିର ଲୋକମାନେ ଏକତ୍ରିତ ହୋଇଥିଲେ । ଜଣେ ଅନ୍ୟଜଣଙ୍କ ସହିତ ବହୁତ ସମ୍ମାନ ଦେଇ ଓ ପ୍ରେମ ଭାବ ବ୍ୟକ୍ତ କରି ମିଳୁଥିଲେ । ମନୁଷ୍ୟ ଯଦି ନିଜର ଜୀବନ ଶୈଳୀକୁ ପରିବର୍ତନ କରିବାକୁ ଚାହେଁ ତେବେ ଏ ଜଲ୍‌ସାକୁ ଆସିବା ଉଚିତ୍ । ମୁଁ ଏଠାରେ ବହୁତ କିଛି ଶିଖିବାକୁ ପାଇଲି । ଦୁଇଟି କଥା ନିଶ୍ଚୟ କହିବାକୁ ଚାହିଁବି । ପ୍ରଥମଟି ହେଉଛି ଏଠାରେ ଅଲ୍ଲାଃଙ୍କ ସହିତ କିପରି ପ୍ରେମ କରାଯିବ ତାହା ଶିଖା ଯାଉଅଛି । ଦ୍ୱିତୀୟଟି ହେଉଛି ଲୋକମାନେ କିପରି ଜଣେ ଅନ୍ୟ ଜଣକୁ ପ୍ରେମ କରିବେ ତାହା ମଧ୍ୟ ଶିକ୍ଷା ଦିଆଯାଉଛି ।

ବୁଲ୍‌ଗେରିଆ ଦେଶର ଆଉ ଜଣେ ଅତିଥି Pyisko Anev ସାହେବ୍ କହୁଛନ୍ତି ମୁଁ ମଧ୍ୟ ପ୍ରଥମ ଥର ପାଇଁ ଏପରି ବାବର୍‌କତ୍ ଜଲ୍‌ସାରେ ସାମିଲ୍ ହୋଇଛି । ଯାହାର ଭାବନା ବ୍ୟକ୍ତ କରିବା ପାଇଁ ମୋ ପାଖେ ଶବ୍ଦ ନାହିଁ । ଏଠାରେ ମୁଁ ଏହା ଶିଖିପାରିଛି ଯେ କେବଳ ଅହେମଦୀ ଲୋକମାନେ ହିଁ ଏପରି ଅଟନ୍ତି ଯେଉଁମାନେ ଶାନ୍ତିର ଶିକ୍ଷା ଦେଉଛନ୍ତି, ସମ୍ମାନ ଦେଉଛନ୍ତି ଏବଂ ଏ ଦୁନିଆକୁ ଯନ୍ନତ୍ ରୂପେ ତିଆରି କରୁଛନ୍ତି । ଏହା ବାସ୍ତବରେ ଜୀବନର ଜ୍ୟୋତି । ଏପରି ଜ୍ୟୋତି ଯିଏ ମନୁଷ୍ୟକୁ ଜୀବନ ପ୍ରଦାନ କରୁଅଛି । ମୁଁ ତ ଏବେ ସାରାଜୀବନ ସବୁଲୋକମାନଙ୍କୁ ବତାଇବି ଯେ ଅସଲ ଇସ୍‌ଲାମ୍ ହେଉଛି ଅହେମଦୀୟତ୍ ଯିଏ ଦୁନିଆରେ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟା କରୁଅଛି । ମୁଁ ମୋ ନିଜ ପାଇଁ ଦୁଆ କରିବାକୁ ଦରଖାସ୍ତ କରୁଅଛି ।

ବୁଲ୍‌ଗେରିଆ ଓ୍ୱଫଦ୍‌ର ଆଉ ଜଣେ ଅତିଥି Pdemirov ସାହେବ୍ କହୁଛନ୍ତି- ହଜୁର୍ ଅନୁଓ୍ୱର୍‌ଙ୍କର ଅଭିଭାଷଣ ଯେଉଁଥିରେ ମାନବ ସମାଜକୁ ପ୍ରେମ କରିବାର ବିଷୟ ଥିଲା ତାହା ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ସେହିପରି ପିଲାମାନେ ଯେତେବେଳେ ପାଣି

ପିଆଉଥିଲେ ସେତେବେଳେ ସେ ବହୁତ ପ୍ରେମପୂର୍ଣ୍ଣ ଭାବରେ କହୁଥିଲେ ତାହା ମୋତେ ବହୁତ ଭଲ ଲାଗିଲା । ଯେଉଁ ଜାତିର ପିଲାମାନେ ଏପରି ସେମାନଙ୍କର ଭବିଷ୍ୟତ ହେଉଛି ସୁରକ୍ଷିତ ।

ବୁଲଗେରିଆ ଓ୍ଵଫଦ୍‌ର ଜଣେ ମହିଳା ଯିଏ ହେଉଛନ୍ତି ଜଣେ ଅର୍ଥୋଡକ୍ସ ଇସାଇ ସେ ଜଲ୍‌ସାରେ ଯୋଗ ଦେଇଥିଲେ । ସେ କହୁଛନ୍ତି ଏ ଜଲ୍‌ସାରେ ସାମିଲ୍ ହେବା ଫଳରେ ମୋତେ ଆତ୍ମସନ୍ତୋଷ ଲାଭ ହୋଇଛି । ପ୍ରେମ, ଶାନ୍ତି, ଜଣେ ଅନ୍ୟଜଣଙ୍କର ସମ୍ମାନ କରିବା ଏବଂ ନିଜ ଦୁର୍ବଳତାକୁ ଦୂରେଇବା ପାଇଁ ଯେଉଁ ଶିକ୍ଷା ଏଠି ମୋତେ ମିଳିଛି ଅଲ୍ଲାଃ କରନ୍ତୁ ଦୁନିଆର ସବୁ ଧର୍ମ ଏଠାରୁ ଶିକ୍ଷା ନିଅନ୍ତୁ । ସେ ମଧ୍ୟ ନିଜ ପାଇଁ ଦୁଆ କରିବାର ଦରଖାସ୍ତ କଲେ ।

ବୁଲଗେରିଆର ଆଉ ଜଣେ ବନ୍ଧୁ Malin ସାହେବ୍ ଦ୍ଵିତୀୟ ଥର ପାଇଁ ତାଙ୍କ ଦୁଇ ପୁଅଙ୍କ ସହିତ ଏ ଜଲ୍‌ସାରେ ଯୋଗ ଦେଇଥିଲେ । ଜଣେ ପୁଅ ୟୁସୁଫ୍ ସାହେବ୍ କହିଲେ ଯେ ମୁଁ ବର୍ତ୍ତମାନ ଉର୍ଦ୍ଦୁ ଶିଖୁଅଛି । Malin ସାହେବ୍ ନିଜେ କହୁଛନ୍ତି ଯେ ମୁଁ ଦ୍ଵିତୀୟ ଥର ପାଇଁ ଏ ଜଲ୍‌ସାରେ ଯୋଗଦେଇଛି । କିନ୍ତୁ ମୁଁ ଯଦି ଶହେ ବର୍ଷ ମଧ୍ୟ ଜିବୀତ ରହିବି ତେବେ ମୋର ଏ ଇଚ୍ଛା ରହିବ ଯେ ମୁଁ ପ୍ରତ୍ୟେକ ଥର ଏ ଜଲ୍‌ସା ରେ କିପରି ସାମିଲ୍ ହେବି । ଏବଂ ଏ ଜଲ୍‌ସାରେ ଯୋଗଦେବା ଫଳରେ ଯେଉଁ ସବୁ ବରକତ୍ ସମସ୍ତଙ୍କୁ ମିଳୁଛି ତାହା ଆମକୁ ମଧ୍ୟ ମିଳୁଥାଉ । ପଛ ବର୍ଷ ମୁଁ ଏକୁଟିଆ ଆସିଥିଲି । ଏ ବର୍ଷ ମୁଁ ମୋ ଦୁଇ ପୁଅଙ୍କୁ ମଧ୍ୟ ନେଇଆସିଛି । ଆମେ ଯାହା କିଛି ଏଠାରେ ଦେଖିବାକୁ ପାଇଲୁ ତାହା ଅବର୍ଣ୍ଣନୀୟ ଅଟେ । ମୁଁ ମୋ ପିଲାମାନଙ୍କୁ ଦେଖାଇବାକୁ ଚାହୁଁଥିଲି ଯେ କିପରି ଜଣେ ଅନ୍ୟଜଣଙ୍କୁ ସମ୍ମାନ କରେ । କିପରି ଦୁନିଆର ବିଭିନ୍ନ ଜାତିର ଲୋକମାନେ ମିଳିମିଶି ଗୋଟିଏ ସ୍ଥାନରେ ପ୍ରେମ ଏବଂ ସୌହାର୍ଦ୍ଦ୍ୟର ସହିତ ରହିପାରୁଛନ୍ତି । ମୋ ପିଲାମାନଙ୍କୁ ମଧ୍ୟ ଏ ଜଲ୍‌ସାର କାର୍ଯ୍ୟକ୍ରମ ବହୁତ ଭଲ ଲାଗିଲା ।

ବୁଲଗେରିଆରୁ ଆସିଥିବା ଆଉ ଜଣେ ମହିଳା ଇସାଇ Desislaya ସାହିବା ଯିଏ ସାଇକୋଲୋଜିରେ ଲେକ୍‌ଚରର୍ ଅଛନ୍ତି ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ମୁଁ ପ୍ରଥମ ଥର ଜଲ୍‌ସାରେ ସାମିଲ୍ ହୋଇଛି । ଏ ଜଲ୍‌ସା ତ ଏକ ଚମତ୍କାର ଅଟେ । ଏଠାରେ ପ୍ରେମ, ଭାଇଚାରା, ଶାନ୍ତି ଓ ସମ୍ମାନ ମିଳୁଛି । ମୁଁ ଏଠାରେ କୌଣସି ପ୍ରକାର ଝଗଡ଼ା ଦେଖିଲି ନାହିଁ । ଜଣେ ଅନ୍ୟ ଜଣଙ୍କ ପାଇଁ ସେବା କରିବାର ମନୋବୃତି ରଖୁଛି । ହସ ହସ ମୁଖରେ ମିଶୁଛି । ମୁଁ ପରହେଜି(ପଥ୍ୟ)ଖାଦ୍ୟ ଖାଏ । ହଜାର ହଜାର ଲୋକମାନଙ୍କ ଭିତରେ ମୋତେ ମଧ୍ୟ ପରହେଜି ଖାଦ୍ୟ ଦିଆଯାଉଛି । ଯେତେବେଳେ ମୁଁ ବେମାର ହେଲି ସାଙ୍ଗେ ସାଙ୍ଗେ ଔଷଧର ବ୍ୟବସ୍ଥା କରିଦିଆଗଲା । ଏଠାରେ କେହି VIP ନଥିଲେ । ସମସ୍ତେ ସମାନ ଥିଲେ । ହଜୁର୍ ଅନ୍ୱର୍‌ଙ୍କର ଖୁତ୍‌ବା ଜୁମା ବହୁତ ପ୍ରଭାବ ପକାଇଲା । ମାନବ ଜାତି ସହିତ ପ୍ରେମ, ପର୍ଦ୍ଦାପୋଷି(ଅନ୍ୟର ଦୋଷ ଦୁର୍ବଳତାକୁ ଢ଼ାଙ୍କିବା), ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ କରିବା, ଜଣେ ଅନ୍ୟ ଜଣକର ଭୁଲ୍ ଗୁଡ଼ିକୁ କାହା ପାଖରେ ପ୍ରକାଶ ନକରିବା ବରଂ ତା ପାଇଁ ଦୁଆ କରିବା ଇତ୍ୟାଦି । ଆପଣ ଯେଉଁ ଶିକ୍ଷା ଗୁଡ଼ିକ ବର୍ଣ୍ଣନା କଲେ ମୁଁ ଭାବୁଛି ଯେ ଯଦି କାଳେ ସାରା ଦୁନିଆ ଏହାକୁ ଶୁଣିନିଅନ୍ତା କି । ଯଦି ଦୁନିଆ ସିଧା ରାସ୍ତାକୁ ଆସିବାକୁ ଚାହୁଁଛି ତେବେ ତାକୁ ଆପଣଙ୍କର ବ୍ୟକ୍ତିତ୍ଵ ଓ ଆହ୍ଵାନ ଆଡକୁ ଆସିବାକୁ ପଡ଼ିବ । ଆପଣଙ୍କ ଶିକ୍ଷାକୁ ମାନିବାକୁ ହେବ ।

ଜଣେ ଯୁବକ ନିଜର ମୁଦିକୁ ଅନ୍ୱର୍ ଅ:ବ:ଅ ଙ୍କ ସେବାରେ ବରକତ୍ ପାଇବା ପାଇଁ ଉପସ୍ଥାପନ କଲେ । ହଜୁର୍ ଅନ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ସେହି ମୁଦିଟିକୁ କିଛି ସମୟ ପିନ୍ଧିରଖିଲେ ଓ ପୁଣି ତାକୁ ଫେରାଇଦେଲେ । ବୁଲଗେରିଆର ଏହି ଓ୍ଵଫଦ୍‌ଙ୍କ ସାକ୍ଷାତ୍‌କାର ୭:୩୦ ପର୍ଯ୍ୟନ୍ତ ଜାରି ରହିଲ । ଶେଷରେ ଓ୍ଵଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହଜୁର୍ ଅନ୍ୱର୍ ଅ:ବ:ଅ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

**ଇଟାଲୀ**

ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ଯେଉଁଠି ଇଟାଲି ଦେଶରୁ ଆସିଥିବା ଓ୍ଵଫଦ୍ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ବ୍ୟବସ୍ଥା କରାଯାଇଥିଲା । ଇଟାଲୀରୁ ୭ଜଣ ଲୋକ ବିଶିଷ୍ଟ ଓ୍ଵଫଦ୍ ଆସିଥିଲା ।

ଜଣେ ପି.ଏଚ୍.ଡ଼ି ମହିଳା ଡକ୍ଟର୍ ମଧ୍ୟ ଏହି ଓ୍ଵଫଦ୍‌ରେ ସାମିଲ୍ ଥିଲେ । ତାଙ୍କର ଇସାଇ ଧର୍ମ ସହିତ ସମ୍ପର୍କ ଅଛି । ହଜୁର୍ ଅନ୍ୱର୍ ଅ:ବ:ଅ ତାଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ତ ଜଣେ ମୁସଲମାନ୍ ଲୋକପରି ଲାଗୁଛନ୍ତି । ଆପଣ ନିଜେ କିଛି କରୁନାହାଁନ୍ତି । ଯାହା କିଛି ହେଉଛି ଅଲ୍ଲାଃତାଲାଙ୍କ ଇଚ୍ଛା ଦ୍ଵାରା ହିଁ ହେଉଛି । ହଜୁର୍ ଅନ୍ୱର୍‌ଙ୍କ ଏପରି ପଚାରିବା ପରେ ସେ କହିଲେ ଜଲ୍‌ସାସାଲାନାର ଅନୁଭବ ମୋର ବହୁତ ଭଲ ହେଲା । ଏ ଜଲ୍‌ସାରେ ତ ଚାରିଆଡ଼େ ଶାନ୍ତି ଓ ପ୍ରେମର ବାର୍ତ୍ତା ଥିଲା । ମୁଁ ଯେବେ ଫେରିବି ଲୋକମାନଙ୍କୁ ବତାଇବି ଯେ କିପରି ଚାଳିଶି ହଜାର୍ ଲୋକ ଗୋଟିଏ ସ୍ଥାନରେ କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ପ୍ରେମ ଓ ଶାନ୍ତିର ସହିତ ରହିଥିଲେ । କୌଣସି ପ୍ରକାର ଲଢ଼ାଇ ଝଗଡ଼ା ନଥିଲା । ପ୍ରତ୍ୟେକ ପ୍ରବେଶ ପ୍ରସ୍ଥାନ ରାସ୍ତା ଗୁଡ଼ିକରେ ଲୋକମାନେ ବହୁତ ଶାନ୍ତିର ସହିତ ଯିବା ଆସିବା କରୁଥିଲେ । କୌଣସି ପ୍ରକାର ଠେଲାପେଲା ନଥିଲା । ସେ କହିଲେ ଯେ ମୁଁ ମହିଳାଙ୍କ ହଲ୍‌କୁ ମଧ୍ୟ ଯାଇଥିଲି । ସେଠାରେ ମହିଳାମାନେ ଓ ପିଲାମାନେ ମଧ୍ୟ ସ୍ଵାଧିନ ଭାବେ ନିଜର ପ୍ରୋଗ୍ରାମ୍ କରୁଥିଲେ ।

ଆଉଜଣେ ମହିଳା ଯିଏ ତାଙ୍କ ସ୍ଵାମୀଙ୍କ ସହିତ ଆସିଥିଲେ । ସେ କହିଲେ ଯେ ମୁଁ ପଛ ବର୍ଷ ବୟତ୍ କରିଥିଲି । ମୁଁ ପ୍ରଥମେ ବୟତ୍ କଲି ଓ ପରେ ମୋର ବିବାହ ହେଲା । ହଜୁର୍ ଅନ୍ୱର୍ ଅ:ବ:ଅ ତାଙ୍କୁ କହିଲେ ଯେ ନିଜର ଧାର୍ମିକ ଜ୍ଞାନକୁ ବଢ଼ାନ୍ତୁ । ସେ ମହିଳାଜଣକ ହଜୁର୍ ଅନ୍ୱର୍‌ଙ୍କୁ ତାଙ୍କ ବାପା ମା ଙ୍କ ନିମନ୍ତେ ଦୁଆ କରିବା ପାଇଁ ଦରଖାସ୍ତ କଲେ ଯେ ସେମାନେ କିପରି ଅହେମଦୀୟତ୍‌କୁ ଗ୍ରହଣ କରିନିଅନ୍ତୁ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ସେମାନଙ୍କୁ ହିଦାୟତ୍ ପ୍ରଦାନ କରନ୍ତୁ ।

ଏହାପରେ ଓ୍ଵଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଇଟାଲୀର ଏହି ଓ୍ଵଫଦ୍‌ଙ୍କ ସାକ୍ଷାତ୍‌କାର ୭:୩୫ ପର୍ଯ୍ୟନ୍ତ ଜାରି ରହିଲା ।

**ବୁର୍କିନାଫାସୋ**

ଏହାପରେ ବୁର୍କିନାଫାସୋରୁ ଆସିଥିବା ଓ୍ଵଫଦ୍‌ର ସଦସ୍ୟମାନେ ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବୁର୍କିନାଫାସୋରୁ ସେଠିକାର ଅମୀର ଯମାତଙ୍କ ବ୍ୟତୀତ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମ୍ ଯିଏ ସେଠାରେ ହାଇସ୍କୁଲ୍ ପ୍ରିନ୍‌ସିପାଲ୍ ମଧ୍ୟ ଅଛନ୍ତି ଏବଂ ଜଣେ ସ୍ଥାନୀୟ ମୁଅଲ୍ଲିମ୍ ମଧ୍ୟ ଆସିଥିଲେ ।

ମୁଅଲ୍ଲିମ୍ ସାହେବ କହିଲେ କି ସେ ୧୯୯୪-୧୯୯୭ ପର୍ଯ୍ୟନ୍ତ ଯାମିଆତୁଲ୍ ମୁବଶିରିନ୍ ଘାନାରେ ଶିକ୍ଷା ଗ୍ରହଣ କରିଛନ୍ତି । ହଜୁର୍ ଅନ୍ୱର୍ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମ୍‌କୁ ପଚାରିଲେ କି ଆପଣଙ୍କୁ ଏଠିକାର ଜଲ୍‌ସା କିପରି ଲାଗିଲା । ଏଥିରେ ସେ କହିଲେ ଯେ ଏଠାରୁ ଆମେ ବହୁତ କିଛି ଶିଖିଛୁ । ଜଲ୍‌ସାର କାର୍ଯ୍ୟକ୍ରମ ଓ ବ୍ୟବସ୍ଥା ବହୁତ ଉତ୍ତମ ଥିଲା । ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ମାଶାଅଲ୍ଲାଃ । ବୁର୍କିନାଫାସୋର ଯମାତ୍ ନିଷ୍ଠାପର ଯମାତ୍ ଅଟେ । ନେଜାମ୍‌କୁ ବହୁତ ସୁନ୍ଦର ରୂପେ ଅନୁସରଣ କରୁଛନ୍ତି । ଆଫ୍ରିକାର ବହୁତ ଗୁଡ଼ିଏ ଯମାତ୍ ଠାରୁ ଏମାନେ ଆଗରେ ଅଛନ୍ତି । ଖୁଦାତାଲା ଏମାନଙ୍କର ନିଷ୍ଠାକୁ ଆହୁରି ଅଧିକ ବଢ଼ାଇଚାଲୁ ।

ସେକ୍ରେଟାରୀ ତାଲିମ୍ ଓ ପ୍ରିନ୍‌ସିପାଲ୍ ହାଇସ୍କୁଲ୍ କହିଲେ କି ବୁର୍କିନାଫାସୋରେ ଯମାତ୍‌ର ହାଇସ୍କୁଲ୍ ନାହିଁ । କେବଳ ଗୋଟିଏ ହାଇସ୍କୁଲ୍ ଅଛି । ଏବେ ଆହୁରି ଅଧିକ ହାଇସ୍କୁଲ୍‌ର ଆବଶ୍ୟକ ଅନୁଭବ ହେଉଛି । ସରକାରୀ ହାଇସ୍କୁଲ୍‌ର ସ୍ତର ଭଲନୁହେଁ । ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ମୁଁ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲି ଯେ ପ୍ରାଇମେରି ସ୍କୁଲ୍ ଖୋଲି ଚାଲନ୍ତୁ । ବର୍ତ୍ତମାନ ଆପଣଙ୍କ ପାଖରେ ୫ଟି ପ୍ରାଇମେରି ସ୍କୁଲ୍ ଅଛି । ଏବେ ପ୍ରୋଗ୍ରାମ୍ ବନାନ୍ତୁ ଏବଂ ପ୍ରତ୍ୟେକ ବର୍ଷ ତିନି ଚାରୋଟି ପ୍ରାଇମେରୀ ସ୍କୁଲ୍ ଖୋଲନ୍ତୁ । ପ୍ରଥମେ ପ୍ରାଇମେରୀ ସ୍କୁଲ୍ ବନାନ୍ତୁ । ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଗୋଟିଏ ହାଇସ୍କୁଲ୍‌ର ପ୍ଲାନ୍ ମଧ୍ୟ କରନ୍ତୁ ଏବଂ ଏହାର ପ୍ରୋଗ୍ରାମ୍ ତିଆରି କରି ପଠାନ୍ତୁ । ପ୍ରଥମେ Feasibility ରିପୋର୍ଟ ପ୍ରସ୍ତୁତ କରି ପଠାନ୍ତୁ । ଚିନ୍ତା କରନ୍ତୁ କେଉଁ ସ୍ଥାନରେ ବନାଇବେ । ପୁଣି କହିଲେ ସ୍କୁଲ୍ ମଧ୍ୟ ବିଭିନ୍ନ Phases ରେ ନିର୍ମାଣ ହେବା ଉଚିତ୍ । ଆବଶ୍ୟକ ଅନୁଯାଇ ବର୍ଷେ ଦୁଇବର୍ଷ ପରେ ଗୋଟିଏ ଦୁଇଟି କୋଠରୀ ବଢ଼ାଇବାକୁ ପଡ଼ିଥାଏ । ଏହିପରି ନିଜର ସାଧନ ଭିତରେ ରହି ସ୍କୁଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଏ । ଆଫ୍ରିକାରେ ଏହିପରି ବନାଉଛନ୍ତି । ତତ୍‌ସହିତ ଆଗକୁ ମଧ୍ୟ ପ୍ରସାର କରିଚାଲିଛନ୍ତି । ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଗୋଟିଏ ପ୍ରାଇମେରୀ ସ୍କୁଲ୍‌ର ସ୍ଥାନ ନିରୁପଣ କରି ସେଥିରେ ତିନୋଟି କୋଠରୀ ତିଆରି କରନ୍ତୁ । ଏହିପରି ପ୍ରାଇମେରୀ ସ୍କୁଲ୍ ସହିତ ହାଇସ୍କୁଲ୍ ମଧ୍ୟ ନିର୍ମାଣ କରାଯାଇପାରିବ । ଏହିପରି ପ୍ରଥମେ ଗୋଟିଏ ସ୍କୁଲ୍‌କୁ ପ୍ରାଇମେରୀ ସ୍ତରରୁ ହାଇସ୍କୁଲ୍ ପର୍ଯ୍ୟନ୍ତ ନେଇଯାଆନ୍ତୁ । ଏବଂ ଆଉ ଦୁଇଟି ସ୍ଥାନରେ ପ୍ରାଇମେରୀ ସ୍କୁଲ୍ ଖୋଲନ୍ତୁ । ହାଇସ୍କୁଲ୍ ଖୋଲିବା ପାଇଁ ପ୍ରଥମେ ଏହା ଦେଖିବା ଆବଶ୍ୟକ ଅଟେ ଯେ କିପରି କ୍ୟାଲିଫାଏଡ୍ (ଶିକ୍ଷିତ) ଶିକ୍ଷକ ମିଳିବେ । ଏହାପରେ ସ୍କୁଲ୍ ଖୋଲିବା ପାଇଁ ଆଗକୁ କାରବାଇ କରାଯିବ । ବୁର୍କିନାଫାସୋରୁ ଆସିଥିବା ଓ୍ଵଫଦ୍‌ଙ୍କର ଏହି

ସାକ୍ଷାତ୍କାର ୭:୫୦ ପର୍ଯ୍ୟନ୍ତ ଜାରି ରହିଲା ।

**ଫ୍ୟାମିଲି ସାକ୍ଷାତ୍କାର**

ଏହାପରେ ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍କାର ଆରମ୍ଭ ହେଲା । ୫ଟି ଫ୍ୟାମିଲିର କୋଡିଏ ଜଣ ସଦସ୍ୟ ଏବଂ ଆଉ ଦୁଇଜଣ ଅଲଗା ଅଲଗା ଭାବେ ନିଜର ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ୍ କରିଥିବା ଲୋକମାନଙ୍କ ମଧ୍ୟରୁ ଜର୍ମାନୀର ଯମାତ୍ Russelsheim, Mannheim ଏବଂ Watezler ବ୍ୟତୀତ ବାହାର ଦେଶଗୁଡିକ ଯେପରି ଘାନା, ଟୋଗୋ ଏବଂ ଅଜର୍ ବାଇଜାନ୍ ଦେଶଗୁଡିକରୁ ଆସିଥିବା ସଦସ୍ୟମାନେ ମଧ୍ୟ ସାମିଲ୍ ହୋଇଥିଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ଠିକ୍ ୯ଟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ପୁରୁଷ ହଲ୍‌ରେ ପ୍ରବେଶ କଲେ । ଓ ପ୍ରୋଗ୍ରାମ୍ ମୁତାବକ ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୨୫ଜଣ ପୁଅ ଓ ଝିଅ ଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଏବଂ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ମୁବାରକ୍ ମେହ୍‌ମୁଦ୍, ସର୍ବାଜ୍ ଅଲି ଚୌଧୁରୀ, ସବୁର୍ ଅହେମଦ୍ ଘୋରୀ, ତହସିନ୍ ମେହ୍‌ମୁଦ୍, ନଫିସ୍ ଅହେମଦ୍, ଅଓ୍ୱେସ୍ ଅହେମଦ୍, ଇବ୍‌ତେସାନ୍ ଅହେମଦ୍, ବାସିଲ୍ ଅହେମଦ୍ ତୁର୍, କାମ୍‌ରାନ୍ ହମିଦ୍, ଆକିଫ୍ ଅହେମଦ୍, ନଜିବ୍ ଅହେମଦ୍, ଅଜିଜା ଅଇମନ୍ ଖାନ୍, ବାସ୍‌ମା ସିଦ୍ଦିକ୍, ମନାହିଲ୍ ମେହ୍‌ମୁଦ୍, ଆର୍ଫିଆ କରନ୍ ଅହେମଦ୍, ଫାଏଜା ଅହେମଦ୍, ଫରିହା ନଦିମ୍, ଆର୍ଫିରିନ୍ ବଶିର୍, ମଲିହା ମେହ୍‌ମୁଦ୍, ଅମାରା ଅହେମଦ୍, ଜାରା ନାସିର୍, ତେହରିନ୍ ବାଜୁଆ, ଅମରଜଶ୍ ଅଜହର୍, ସବାହା ଜଫର୍ ଓ ଅଏଶା ଅହେମଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ମୋକରମ୍ ହଏଦର୍ ଅଲୀ ଜଫର୍ ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଜ ଜର୍ମାନୀ ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ଅନୁମତି ନେଇ ଚଉଦଟି ନିକାହର ଘୋଷଣା କରିଲେ । ଏହି ସମୟରେ ହଜୁର୍ ଅନୁଓ୍ୱର୍ ସେଠାରେ ବସି ରହିଲେ । ଶେଷରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

⌘⌘⌘ ⌘⌘⌘ ⌘⌘⌘

**୨୯ ଅଗଷ୍ଟ ୨୦୧୭ (ମଙ୍ଗଳବାର)**

**ଜର୍ମାନୀରୁ ପ୍ରସ୍ଥାନ ଓ ଲଣ୍ଡନ୍‌ରେ ଶୁଭାଗମନ**

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ ରେ ବଇତୁଲ୍ ସବୁହୁରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ଫ୍ରାଙ୍କ୍‌ଫ୍ରଟ୍(ଜର୍ମାନୀ)ରୁ ଲଣ୍ଡନ୍ (ବ୍ରିଟେନ୍) ନିମନ୍ତେ ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା । ଫ୍ରାଙ୍କ୍‌ଫ୍ରଟ୍ ରିଜିଅନ୍ ଏବଂ ଆଖପାଖ ଯମାତ୍‌ର ମହିଳା, ପୁରୁଷ, ପିଲା, ବୁଢ଼ା ଇତ୍ୟାଦି ବହୁସଂଖ୍ୟାରେ ଲୋକମାନେ ନିଜର ପ୍ରିୟ ଆକାଙ୍କୁ ବିଦାୟ ଦେବା ପାଇଁ ସକାଳୁ ବଇତୁଲ୍ ସବୁହୁର ପ୍ରାଙ୍ଗଣରେ ଏକତ୍ରିତ ହେବା ଆରମ୍ଭ କରିଦେଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୧୦ ଟାରେ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ । ଛୋଟଛୋଟ ପୁଅ ଝିଅମାନେ ଦଳ ଦଳ ହୋଇ ବିଦାୟ ନଜମ୍ ପାଠ କରୁଥିଲେ । ଯମାତ୍‌ର ଲୋକମାନେ ଦୁଇ ଧାଡ଼ିରେ ଛିଡ଼ା ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଲୋକମାନଙ୍କ ମଧ୍ୟରେ ପାଖାପାଖି ୧୦ ମିନିଟ୍ ପର୍ଯ୍ୟନ୍ତ ରହିଲେ । ପ୍ରତ୍ୟେକ ଛୋଟ ଓ ବଡ଼ ନିଜ ପ୍ରିୟ ଆକାଙ୍କ ଦର୍ଶନ କଲେ । ୧୦:୧୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ଏହାପରେ କାଫିଲା ଯାତ୍ରା ଆରମ୍ଭ କଲା । ଦୁଇ ଧାଡ଼ିରେ ଛିଡ଼ା ହୋଇଥିବା ପୁରୁଷ ଓ ମହିଳାମାନେ ଅହରହ ନିଜର ହାତକୁ ଉଠାଇ ନିଜର ପ୍ରିୟ ଆକାଙ୍କୁ ବିଦାୟ ଦେଉଥିଲେ । ବହୁତ ଲୋକଙ୍କ ଆଖିରୁ ଅଶ୍ରୁ ବୋହୁଥିଲା । ବିଚ୍ଛେଦର ଏହି ମୁହୂର୍ତ୍ତ ପ୍ରେମୀମାନଙ୍କୁ କଷ୍ଟ ଦେଉଥିଲା ।

ଫ୍ରାଙ୍କ୍‌ଫ୍ରଟ୍(ଜର୍ମାନୀ)ରୁ ଲଣ୍ଡନ ଯିବା ସମୟରେ ରାସ୍ତାରେ ବେଲ୍‌ଜିୟମ୍‌ର ମିଶନ୍ ହାଉସ୍ ବଇତୁସ୍‌ସଲାମ୍(ବ୍ରିସିଲ୍‌ଜ) ଠାରେ ରହିବାର ପ୍ରୋଗ୍ରାମ୍ ଥିଲା । ଫ୍ରାଙ୍କ୍‌ଫ୍ରଟ୍‌ରୁ ବ୍ରିସିଲ୍‌ଜ ର ଦୂରତା ପାଖାପାଖି ୪୦୦ କି.ମି. ।

ଫ୍ରାଙ୍କ୍‌ଫ୍ରଟ୍‌ରୁ ବ୍ରିସିଲ୍‌ଜ ଯିବା ରାସ୍ତାରେ ଜର୍ମାନୀର ସହର ଆଖନ୍‌ଠାରୁ ଆଗକୁ ବେଲ୍‌ଜିଅମ୍ ଦେଶର ସୀମା ସରହଦ ଆରମ୍ଭ ହେଉଅଛି । ଏଠି ବର୍ଡ଼ରରେ ବେଲ୍‌ଜିଅମ୍ ଯମାତ୍‌ରୁ ମୋକରମ୍ ଅମୀର୍ ସାହେବ୍ ବେଲ୍‌ଜିଅମ୍ ଡାକ୍ତର୍ ଇଦରିସ୍ ଅହେମଦ୍ ସାହେବ୍, ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମୋବୋଲିଗ୍ ସିଲ୍‌ସିଲା ଓ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ତୌସିଫ୍ ଅହେମଦ୍ ସାହେବ ମୋବୋଲିଗ୍ ସିଲ୍‌ସିଲା ଏବଂ ସଦର ଖୁଦାମୁଲ୍ ଅହେମଦୀୟା, ମୋକରମ୍ ଅଫ୍‌ଜାଲ୍ ଅହେମଦ୍ ସାହେବ୍ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଓ୍ୱସାୟା ଏବଂ ମୋକରମ୍ ମୋବୋସିର୍ ହାଶ୍‌ମି ସାହେବ୍ ଇନ୍‌ଚାର୍ଜ ମସ୍‌ଜିଦ୍ କମିଟିରେ ପରିବେଷ୍ଟିତ ଗୋଟିଏ ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସ୍ୱାଗତ ନିମନ୍ତେ ଉପସ୍ଥିତ ଥିଲେ । ଏଠାରେ ନ ରହି ଯାତ୍ରା ଜାରି ରହିଲା ଓ ଆଗରେ ଯାଇ ବେଲ୍‌ଜିଅମ୍ ରୁ ଆସିଥିବା ଗାଡ଼ି ଗୁଡିକ କାଫିଲାକୁ ଲିଡ୍ କଲେ ।

**ବଇତୁସ୍ ସଲାମ୍(ବ୍ରିସିଲ୍‌ଜ)ରେ ହଜୁର୍ ଅନୁଓ୍ୱର୍‌ଙ୍କର ଆଗମନ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦିନ ୨:୧୦ ରେ ଅହେମଦୀୟା ମିଶନ୍ ହାଉସ୍ ବଇତୁସ୍ ସଲାମ୍‌ରେ ପଦାର୍ପଣ କଲେ । ସ୍ଥାନୀୟ ଯମାତ୍‌ର ପୁରୁଷ ଓ ମହିଳାମାନେ ଏବଂ ନ୍ୟାସ୍‌ନାଲ୍ ଆମେଲାର ମେମ୍ବର୍‌ମାନେ ନିଜର ପ୍ରିୟ ଆକାଙ୍କୁ ଭବ୍ୟ ସ୍ୱାଗତ ଜଣାଇଲେ । ସ୍ୱାଗତ କରୁଥିବା ଲୋକମାନଙ୍କର ସଂଖ୍ୟା ଷାଢ଼େ ସାତଶହ ପାଖାପାଖି ଥିଲା । ଏହି ପୁରୁଷ ଓ ମହିଳାମାନେ ବେଲ୍‌ଜିଅମ୍‌ର ୧୩ଟି ଯମାତ୍‌ରୁ ଆସିଥିଲେ । ଏବଂ ସକାଳୁ ମିଶନ୍ ହାଉସ୍‌ରେ ପହଂଚିବା ଆରମ୍ଭ କରିଦେଇଥିଲେ । ସେମାନଙ୍କ ମଧ୍ୟରେ ଆରବୀ ନୌମୋବାଇନ୍ ମଧ୍ୟ ସାମିଲ୍ ଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରିୟ ଆକାଙ୍କୁ ଦର୍ଶନ କରିବା ପାଇଁ ଖୁସି ଓ ଆନନ୍ଦ ଅନୁଭବ କରୁଥିଲେ । ମୋକରମ୍ ଡାକ୍ତର୍ ଇଦରିସ୍ ଅହେମଦ୍ ସାହେବ୍ ଅମୀର ଯମାତ୍ ବେଲ୍‌ଜିଅମ୍ ଏବଂ ମୋକରମ୍ ହାଫିଜ୍ ଏହସାନ୍ ସିକନ୍ଦର୍ ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଜ ବେଲ୍‌ଜିଅମ୍ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଅଜିଜମ୍ ତନ୍‌ଜିଲ୍ ଅହେମଦ୍ ହଜୁର୍ ଅନୁଓ୍ୱର୍‌ଙ୍କ ସେବାରେ ଫୁଲତୋଡ଼ା ଉପସ୍ଥାପନ କଲେ । ଏବଂ ଅଜିଜା ଅଦିଲା ଶରିଫ୍ ହଜରତ୍ ବେଗମ୍ ସାହିବା ଜ:ଅ ଙ୍କ ସେବାରେ ଫୁଲତୋଡ଼ା ଉପସ୍ଥାପନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମିଶନ୍ ହାଉସ୍‌ରେ ଥିବା ଆବାସ ସ୍ଥଳୀରେ ପ୍ରବେଶ କଲେ ।

ନମାଜ ପଢ଼ିବା ପାଇଁ ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଟେଂଟ୍ ଲଗାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦିନ ୨:୩୦ ରେ ଟେଂଟ୍ ଭିତରକୁ ଆସି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋବୋଲିଗ୍ ଇନ୍‌ଚାର୍ଜ ସାହେବଙ୍କ ଠାରୁ ବିଭିନ୍ନ ଯମାତ୍‌ରୁ ଆସିଥିବା ଲୋକମାନେ ଓ ନୌମୋବାଇନ୍‌ଙ୍କ ବିଷୟରେ ପଚାରି ବୁଝିଲେ ଯେ କେତେ ନୌମୋବାଇନ୍ ଆସିଛନ୍ତି ? ଏମାନଙ୍କ ମଧ୍ୟରୁ ପୁରୁଷ କେତେଜଣ ଏବଂ ମହିଳା କେତେଜଣ ? ଏଥିରେ ମୋବୋଲିଗ୍ ଇନ୍‌ଚାର୍ଜ ସାହେବ୍ କହିଲେ ଯେ ନୌମୋବାଇନ୍ ଙ୍କ ମଧ୍ୟରୁ ୨୦ଜଣ ପୁରୁଷ ଏବଂ ୧୫ଜଣ ମହିଳା ଅଛନ୍ତି । ହଜୁର୍ ଅନୁଓ୍ୱର୍ ବଡ଼ ସ୍ନେହର ସହିତ ଲୋକମାନଙ୍କର ଖିଆପିଆର ବ୍ୟବସ୍ଥା ବିଷୟରେ ପଚାରିଲେ । ଏଥିରେ ମୋବୋଲିଗ୍ ଇନ୍‌ଚାର୍ଜ ସାହେବ୍ ଜଣାଇଲେ ଯେ ସବୁ ଲୋକଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଛି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ରହିବା ସ୍ଥାନକୁ ପ୍ରତ୍ୟାଗମନ କଲେ । ଏବଂ ୩:୨୫ ରେ ବାହାରକୁ ବାହାରି ଲଜ୍‌ନା ହଲ୍‌ରେ ପ୍ରବେଶ କଲେ ଯେଉଁଠି ମହିଳାମାନେ ଆପଣଙ୍କୁ ଦର୍ଶନ କଲେ ଓ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଛୋଟ ଛୋଟ ଝିଅପିଲାଙ୍କୁ ବଡ଼ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ । ଯେତେବେଳେ ହଜୁର୍ ଅନୁଓ୍ୱର୍ ଲଜ୍‌ନା ହଲ୍‌ରୁ ବାହାରକୁ ଆସିଲେ ପିଲାମାନେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଥିଲେ । ସେମାନଙ୍କୁ ମଧ୍ୟ ହଜୁର୍ ବଡ଼ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଯାମିଆ ଅହେମଦୀୟା ୟୁ.କେ ରେ ଶିକ୍ଷା ହାସଲ କରିଥିବା ବେଲ୍‌ଜିଅମ୍‌ର ଛାତ୍ର ଅଜିଜମ୍ ସଫିର୍ ଅହେମଦ୍ ସାହେବଙ୍କ ଠାରୁ ତାଙ୍କ ଛୁଟି ବିଷୟରେ ପଚାରି ବୁଝିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋବୋଲିଗ୍ ଇନ୍‌ଚାର୍ଜ ସାହେବ୍ ଓ ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମୋବୋଲିଗ୍ ସିଲ୍‌ସିଲା ଓ ଜେନେରାଲ୍ ସେକ୍ରେଟାରୀ ବେଲ୍‌ଜିଅମ୍ ଯମାତ୍‌କୁ ସମ୍ବୋଧନ କରି କହିଲେ ଯେ ଆଜି ତ ବହୁତ ଗରମ ଲାଗୁଛି । ଆଫ୍ରିକା ମନେପଡ଼ିଗଲା । ଆଜି ଆଫ୍ରିକାର ସ୍ମୃତି ତାଜା ହୋଇଗଲା (ବେଲ୍‌ଜିଅମ୍‌ରେ ସେଦିନ ବହୁତ ଗରମ ପଡ଼ିଥିଲା) ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋକରମ୍ ଅସଦ୍ ମୁଜିବ୍ ସାହେବ୍ (ଜେନେରାଲ୍ ସେକ୍ରେଟାରୀ) ଙ୍କ ଠାରୁ ପଚାରି ବୁଝିଲେ ଯେ ଟେଂଟ୍ କେବେ ଲଗାଯାଇଥିଲା । ତତ୍ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସିକ୍ୟୁରିଟି ବ୍ୟବସ୍ଥା ପ୍ରସଙ୍ଗରେ ନିର୍ଦ୍ଦେଶ ଦେଲେ ଯେ ସିକ୍ୟୁରିଟି ବ୍ୟବସ୍ଥା

ଭଲ ହେବା ଆବଶ୍ୟକ ।

ଏହାପରେ ମୋକରମ୍ ଅମୀର ଯମାତ୍ ଅହେମଦୀୟା ଜର୍ମାନୀ ମୋକରମ୍ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍, ମୋବୋଲିଗ୍ ଇନ୍‌ଚାର୍ଜ ଜର୍ମାନୀ ମୋକୋରମ୍ ହଏଦର୍ ଅଲି ଜଫର୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଇଲିୟାସ୍ ଅହେମଦ୍ ମଜୁକେ ସାହେବ୍, ନାଏବ୍ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଜରିଉଲ୍ଲାଃ ସାହେବ୍ ମୋବୋଲିଗ୍ ସିଲ୍‌ସିଲା, ମୋକରମ୍ ଡାକ୍ତର୍ ଅତହର୍ ଜୁବେର୍ ସାହେବ୍, ମୋକରମ୍ ଅବ୍‌ଦୁଲ୍ଲାଃ ସପରା ସାହେବ୍ ଏବଂ ମୋକରମ୍ ସଦର ସାହେବ୍ ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍ ସିକ୍ୟୁରିଟି ଟିମ୍‌ଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ସାଥିରେ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀରୁ ଏହି ବ୍ୟକ୍ତିମାନେ ହଜୁର୍ ଅନୁଓ୍ୱର୍‌ଙ୍କୁ ବିଦାୟ ଦେବା ପାଇଁ କାଫିଲା ସହିତ ଆସିଥିଲେ । ଏହିପରି ବେଲ୍‌ଜିୟମ୍‌ର ମୁବଲିଗିନ୍ ମୋକରମ୍ ମହମ୍ମଦ୍ ମଜହର୍ ସାହେବ୍, ମୋକରମ୍ ଅର୍‌ସଲାନ୍ ଅହେମଦ୍ ସାହେବ୍, ମୋକରମ୍ ହସିବ୍ ଅହେମଦ୍ ସାହେବ୍, ମୋକରମ୍ ତୌସିଫ୍ ଅହେମଦ୍ ସାହେବ୍, ମୋକରମ୍ ଅସଦ୍ ମୁଜିବ୍ ସାହେବ୍, ମୋକରମ୍ ହାଫିଜ୍ ଏହସାନ୍ ସିକନ୍ଦର୍ ସାହେବ ମୁବଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ୍ ମଧ୍ୟ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ୩:୪୦ ରେ ଏଠାରୁ ଫ୍ରାନ୍‌ସର ବନ୍ଦର Calais ଆଡ଼କୁ ଯାତ୍ରା ଆରମ୍ଭ ହେଲା । ୫:୩୦ ରେ ଚ୍ୟାନେଲ୍ ଟନେଲ୍‌ରେ ପହଂଚିଗଲେ । ଜର୍ମାନୀରୁ ସାଥିରେ ଆସିଥିବା ବ୍ୟକ୍ତି ଓ ଖୁଦାମ୍‌ର ସିକ୍ୟୁରିଟି ଟିମ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ ଛାଡ଼ିବାକୁ ଓ ବିଦାୟ ଦେବାପାଇଁ କାଫିଲା ସହିତ ଥିଲେ । ଏହିପରି ବେଲ୍‌ଜିୟମ୍‌ରୁ ମୋକରମ୍ ଅମୀର୍ ସାହେବ୍ ବେଲ୍‌ଜିୟମ୍, ମୋକରମ୍ ହାଫିଜ୍ ଏହସାନ୍ ସିକନ୍ଦର୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ, ମୋକରମ୍ ଅନୁଓ୍ୱର୍ ହୁସେନ୍ ସାହେବ୍ ନାଏବ୍ ଅମୀର, ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଏବଂ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ଅଫ୍‌ଜାଲ୍ ଅହେମଦ୍ ସାହେବ୍ ନ୍ୟାସନାଲ୍ ସେକ୍ରେଟାରୀ ଓ୍ୱସାୟା ଏବଂ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ମୋକରମ୍ ତୌସିଫ୍ ଅମେହଦ୍ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଏଠାରୁ ଲଣ୍ଡନ ଯାତ୍ରା ନିମନ୍ତେ ବିଦାୟ ଦେବା ପାଇଁ କାଫିଲା ସହିତ ଆସିଥିଲେ ।

ପାସ୍‌ପୋର୍ଟ, ଇମିଗ୍ରେସନ୍ ଓ ଅନ୍ୟାନ୍ୟ କାଗଜପତ୍ର ଗୁଡିକର କ୍ଲିଅରାନ୍‌ସ ପରେ ୬:୪୦ ରେ କାଫିଲାର ଗାଡ଼ି ଗୁଡିକ ଟ୍ରେନ୍‌ରେ ଲଦା ହେଲା । ଏବଂ ଏହି ଟ୍ରେନ୍ ୬:୫୦ ରେ Calais ରୁ ବ୍ରିଟେନ୍‌ର ଉପକୂଳ ସହର Dover ଆଡ଼କୁ ଯାତ୍ରା ଆରମ୍ଭ କଲା । ପାଖାପାଖି ଅଧଘଂଟା ଯାତ୍ରା ଅତିକ୍ରମ ପରେ ଟ୍ରେନ୍‌ଟି ଚ୍ୟାନେଲ୍ ଟନେଲ୍ କ୍ରସ୍ କରି Dover ପାଖାପାଖି ବ୍ରିଟେନ୍‌ର ଭୂମିରେ ଦାଖିଲ୍ ହେଲା । ଏବଂ ନିଜର ବିଶେଷ ଷ୍ଟେସନ୍‌ରେ ଯାଇ ରହିଲା । ପାଖାପାଖି ୧୦ ମିନିଟ୍‌ର ଅନ୍ତରାଳ ପରେ ଫ୍ରାନ୍‌ସ୍ ସମୟ ମୁତାବକ ୭:୩୦ ଏବଂ ବ୍ରିଟେନ୍ ସମୟ ମୁତାବକ ୬:୩୦ ରେ କାଫିଲାର ଗାଡ଼ିଗୁଡିକ ଟ୍ରେନ୍‌ରୁ ବାହାରକୁ ଆସିଲେ ଏବଂ ମୋଟର୍ ୱେ ରେ ଯାତ୍ରା ଆରମ୍ଭ ହେଲା (ବ୍ରିଟେନ୍‌ର ସମୟ ଫ୍ରାନ୍‌ସ୍ ସମୟ ଠାରୁ ଏକ ଘଂଟା ପଛୁଆ) ।

ମୋକରମ୍ ମନସୁର୍ ଅହେମଦ୍ ଶାହ୍ ସାହେବ୍ ନାଏବ୍ ଅମୀର୍ ଯମାତ୍ ଅହେମଦୀୟା ୟୁ.କେ, ମୋକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ୟୁ.କେ, ମୋକରମ୍ ସାହେବ୍‌ଜାଦା ମିର୍ଜା ୱକାସ୍ ଅହେମଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.କେ, ମୋକରମ୍ ମିର୍ଜା ନାସିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍‌ସିପାଲ୍ ଜାମିଆ ଅହେମଦୀୟା ୟୁ.କେ, ମୋକରମ୍ ମୋବାରକ୍ ଅମେହଦ୍ ଜଫର୍ ସାହେବ୍ ଏଡିସିନାଲ୍ ୱକିଲୁଲ୍ ମାଲ୍ ଲଣ୍ଡନ୍, ମୋକରମ୍ ଏଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ ଦଫ୍‌ତର୍ ୱକାଲତ୍ ତବଶିର୍ ଲଣ୍ଡନ୍, ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମଦ୍ ସାହେବ୍ ଅଫିସର୍ ବିଶେଷ ସୁରକ୍ଷା ଦଳ ତାଙ୍କ ସିକ୍ୟୁରିଟ୍ ଟିମ୍‌ଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ ।

**ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ ଠାରେ ଶୁଭାଗମନ**

ପାଖାପାଖି ଦେଢ଼ଘଂଟା ଯାତ୍ରା ପରେ ସଂଧ୍ୟା ୮ ଟାରେ ମସ୍‌ଜିଦ୍ ଫଜଲ୍‌ରେ ଶୁଭାଗମନ ହେଲା । ଯେଉଁଠି ଯମାତ୍‌ର ପୁରୁଷ ଓ ମହିଳାମାନଙ୍କର ଗୋଟିଏ ବହୁତ ବଡ଼ ସଂଖ୍ୟା ନିଜ ପ୍ରିୟ ଆକାଙ୍କୁ ଅହଲଉଁ ୱ ସହଲଉଁ ୱ ମରହବା (ସ୍ୱାଗତମ୍) କହି ସ୍ୱାଗତ ଜଣାଇଲେ । ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ବାହ୍ୟ ପ୍ରାଙ୍ଗଣକୁ ସୁନ୍ଦର ସୁନ୍ଦର ପତାକା ଦ୍ୱାରା ସଜାଇ ଦିଆଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ ନିଜର ଆବାସସ୍ଥଳୀରେ ପ୍ରବେଶ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଯେଉଁ ବ୍ୟକ୍ତିମାନଙ୍କୁ ଏହି ସଫର୍ (ଗସ୍ତ)ରେ ଯିବାପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ସେମାନଙ୍କ ନାମ ରେକର୍ଡ ରଖିବା ପାଇଁ ନିମ୍ନରେ ଦିଆଯାଉଅଛି ।

ହଜରତ୍ ସୟଦା ଅମତୁସ୍ ସବୁହ୍ ସାହିବା ମଦଜିଲ୍ଲହା(ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ପତ୍ନୀ)

ମୋକରମ୍ ମୁନିର୍ ଅହେମଦ୍ ଜାଓ୍ୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ଆବିଦ୍ ୱହିଦ୍ ଖାନ୍ ସାହେବ(ଇନ୍‌ଚାର୍ଜ ପ୍ରେସ୍ ଏଣ୍ଡ ମିଡ଼ିଆ ଅଫିସ୍ ଲଣ୍ଡନ), ମୋକରମ୍ ସୟଦ୍ ମହମ୍ମଦ୍ ଅହେମଦ୍ ନାସିର୍ ସାହେବ୍(ନାଏବ୍ ଅଫିସର୍ ବିଶେଷ ସୁରକ୍ଷା ଦଳ ଲଣ୍ଡନ), ମୋକରମ୍ ନାସେର୍ ଅହେମଦ୍ ସଇଦ୍ ସାହେବ୍ (ସୁରକ୍ଷାଦଳର ସଦସ୍ୟ), ମୋକରମ୍ ସଖାଓ୍ୱତ୍ ଅଲୀ ବାଜୁଆ ସାହେବ୍(ସୁରକ୍ଷାଦଳର ସଦସ୍ୟ), ମୋକରମ୍ ମୋହସିନ୍ ଆଏଓ୍ୱାନ୍ ସାହେବ୍ (ସୁରକ୍ଷାଦଳର ସଦସ୍ୟ), ମୋକରମ୍ ଖ୍ୱାଜା କୁଦ୍ଦୁସ୍ ସାହେବ୍(ସୁରକ୍ଷାଦଳର ସଦସ୍ୟ), ମୋକରମ୍ ମେହ୍‌ମୁଦ୍ ଅହେମଦ୍ ଖାନ୍ ସାହେବ୍ (ସୁରକ୍ଷାଦଳର ସଦସ୍ୟ), ମୋକରମ୍ ହମାଦ୍ ମୁବିନ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା (ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ) ଓ ଏ ଅଧମ ଅବ୍‌ଦୁଲ୍ ମାଜିଦ୍ ତାହେର୍ (ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

ଜାମିଆ ଅହେମଦିଆ କାନାଡ଼ାର ଦୁଇଜଣ ଛାତ୍ର ଅଜିଜମ୍ ଅର୍‌ସଲାନ୍ ୱାଡାଇଚ୍ ସାହେବ୍ ଏବଂ ଅଜିଜମ୍ ଫରଖ୍ ତାହେର୍ ସାହେବ୍ ଏବଂ ଜାମିଆ ଅହେମଦୀୟା ୟୁ.କେ ର ଛାତ୍ର ଅଜିଜମ୍ ମଶହୁଦ୍ ଅହେମଦ୍ ଖାନ୍ ସାହେବ୍ ଯିଏ ଏବେ ୱକ୍‌ଫେ ଆରଜି ରେ ଏଠି ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀରେ ଖିଦ୍‌ମତ୍ କରୁଥିଲେ, ତାଙ୍କୁ ମଧ୍ୟ କାଫିଲାରେ ସାମିଲ୍ ହେବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା ।

ଏତଦ୍‌ବ୍ୟତୀତ ମୋକରମ୍ ନଦୀମ୍ ଅହେମଦ୍ ଅମିନୀ ସାହେବ୍, ମୋକରମ୍ ନାସିର୍ ଅହେମଦ୍ ଅମିନୀ ସାହେବ୍, ମୋକରମ୍ ଡକ୍ଟର୍ ଜିଦ୍‌ରାନ୍ ସାହେବ୍ ଏବଂ ମୋକରମ୍ ଅବ୍‌ଦୁର୍ ରହେମାନ୍ ସାହେବ୍‌ଙ୍କୁ କାଫିଲାର ଗାଡ଼ିଗୁଡିକ ଚଳାଇବା ପାଇଁ ସୌଭାଗ୍ୟ ମିଳିଲା ।

ଏମ୍.ଟି.ଏ ଟିମ୍ ସହିତ ମୋକରମ୍ ଅମୀର୍ ଅଲିମ୍ ସାହେବ୍ ଇନ୍‌ଚାର୍ଜ ମଖଜନେ ତସାୱିର୍ ବିଭାଗ ମଧ୍ୟ ଏଥିରେ ସାମିଲ୍ ହେବାର ସୌଭାଗ୍ୟ ପାଇଲେ । ଜର୍ମାନୀରୁ ଡକ୍ଟର୍ ଅତହର୍ ଯୁବେର୍ ସାହେବ୍ ଏହି ସଫର୍ ସମୟରେ ଡକ୍ଟର ହିସାବରେ କାଫେଲା ସହିତ ଥିଲେ । ଏମାନଙ୍କ ବ୍ୟତୀତ ଜର୍ମାନୀରୁ ମୋକରମ୍ ଅବ୍‌ଦୁଲ୍ଲାଃ ସପରା ସାହେବ୍‌ଙ୍କୁ ମଧ୍ୟ ଏହି ସଫର୍‌ରେ କାଫେଲା ସହିତ ରହିବା ପାଇଁ ସୌଭାଗ୍ୟ ମିଳିଥିଲା । ଅଲ୍ଲାଃତାଲା ଏ ସମସ୍ତଙ୍କୁ ମୁବାରକ୍ କରନ୍ତୁ । ଆମିନ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ବେଲ୍‌ଜିୟମ୍‌ରେ ରହଣି ଦୁଇ ଘଂଟାରୁ ମଧ୍ୟ କମ୍ ସମୟ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଏହି ଅଳ୍ପ ସମୟ ପାଇଁ ରହଣିରେ ମଧ୍ୟ ଏଠିକାର ଯମାତ୍‌ର ଲୋକମାନଙ୍କ ଉପରେ ଏବଂ ବିଶେଷ କରି ଆରବୀୟ ନୌମୁବାଇନ୍ ମାନଙ୍କ ହୃଦୟରେ ଗଭୀର ଛାପ ପଡ଼ିଲା । ସେମାନଙ୍କ ଜୀବନରେ ଗୋଟିଏ ଆଧ୍ୟାତ୍ମିକ ପରିବର୍ତ୍ତନ ସୃଷ୍ଟି ହେଲା । ସେମାନଙ୍କୁ ତାଙ୍କର ପ୍ରିୟ ଆକାଙ୍କ ଦର୍ଶନ ଦ୍ୱାରା ଆତ୍ମ ସନ୍ତୋଷ ଲାଭ ହେଲା । ଏବଂ ଲୋକମାନେ ଖୁବ୍ ମନଭରି ହଜୁର୍‌ଙ୍କ ସାନିଧ୍ୟକୁ ଉପଭୋଗ କଲେ ଏବଂ ଅଲ୍ଲାଃତାଲାଙ୍କ ଫଜଲ୍‌ର ଉତରାଧିକାରୀ ହେଲେ । ସେମାନଙ୍କ ଭିତରୁ କିଛି ନୌମୁବାଇନ୍‌ଙ୍କ ମନୋଭାବ ନିମ୍ନରେ ଦର୍ଶା ଯାଉଅଛି ।

ମହମ୍ମଦ୍ ଅଲ୍‌ଗଜରୁଇ ସାହେବ୍ ଯାହାଙ୍କର ସମ୍ପର୍କ ମରାକଶ୍ ଦେଶ ସହିତ ଅଛି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ହଜୁର୍ ଅନୁଓ୍ୱର୍‌ଙ୍କୁ ଦର୍ଶନ କରି ଏବଂ ଆପଣଙ୍କ ସହିତ ମିଶି ବହୁତ ଗୁଡିଏ ବର୍‌କତ୍‌କୁ ମୁଁ ପାଇଗଲି । ହଜୁର୍ ଅନୁଓ୍ୱର୍‌ଙ୍କର ଏହି ଦୌରା ଆମ ଆଧ୍ୟାତ୍ମିକତାକୁ ଆହୁରି ଉଚ୍ଚସ୍ତରକୁ ବଢ଼ାଇଦେଲା । ଏଠି ବେଲ୍‌ଜିୟମ୍‌ରେ ବହୁତ ଆରବୀୟ ଅହେମଦୀ ଅଛନ୍ତି । କିନ୍ତୁ ନିଜ କାର୍ଯ୍ୟର ବିବଶତା ଯୋଗୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଳିବା ପାଇଁ ମୌକା ମିଳିପାରିଲା ନାହିଁ କିନ୍ତୁ ହଜୁର୍‌ଙ୍କ ଏହି ବାବର୍‌କତ୍ ଦୌରା ଯୋଗୁଁ ସବୁ ଆରବୀୟ ଅହେମଦୀମାନେ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମଧ୍ୟ ଦୂରଦୂରାନ୍ତରୁ ଆସି ଆଜି ଗୋଟିଏ ସ୍ଥାନରେ ଏକାଠି ହୋଇଥିଲେ । ଏବଂ ହଜୁର୍‌ଙ୍କର ଏହି ବାବର୍‌କତ୍ ଦୌରା ଆମପାଇଁ କୌଣସି ଆଧ୍ୟାତ୍ମିକ ଭୋଜନଠାରୁ କମ୍ ନଥିଲା । ସେ ପୁଣି କହିଲେ ମୁଁ ବର୍ଣ୍ଣନା କରିପାରୁନାହିଁ ଯେ ହଜୁର୍ ଅନୁଓ୍ୱର୍‌ଙ୍କର ଏହି ବାବର୍‌କତ୍ ଗସ୍ତ ଦ୍ୱାରା ଆମେ କେତେ ବର୍‌କତ୍ ପାଇଛୁ । ଆମେ ପ୍ରାର୍ଥନା କରୁଛୁ ଯେ ଅଲ୍ଲାଃ କରନ୍ତୁ ହଜୁର୍ ଅନୁଓ୍ୱର୍‌ଙ୍କର ଏହିପରି ବେଲ୍‌ଜିୟମ୍ ଭୂମି ଉପରେ ଅଧିକରୁ ଅଧିକ ପାଦ ପଡ଼ୁ । ଫଳତଃ ଆମେ ଅଧିକରୁ ଅଧିକ ବର୍‌କତ୍

ପାଇପାରିବୁ ।

ବଶିର୍ ଇବ୍ନେ ଖଏଲା ସାହେବ୍ ଯାହାଙ୍କ ସମ୍ପର୍କ ଆଲଜେରିଆ ସହିତ ଅଛି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ଏବର୍ଷ ବହୁତ ସୌଭାଗ୍ୟଶାଳୀ ରହିଲି ଯେ ହଜୁର୍ ଅନୁଓ୍ୱରଙ୍କ ସହିତ ଦ୍ୱିତୀୟ ଥର ସାକ୍ଷାତ୍ କରିବାର ମୋତେ ସୌଭାଗ୍ୟ ପ୍ରାପ୍ତ ହେଲା । ଥରେ ଜର୍ମାନୀ ଜଲସା ସାଲାନାରେ ଏବଂ ଦ୍ୱିତୀୟ ଥର ଏଠାରେ ହଜୁର୍ ଅନୁଓ୍ୱରଙ୍କ ବେଲଜିୟମ୍‌ରେ ଅଳ୍ପ ସମୟ ରହଣି ସମୟରେ, ଯେଉଁଠି ହଜୁର୍ ଅନୁଓ୍ୱରଙ୍କୁ ଦେଖିବା ପାଇଁ ଏବଂ ଆପଣଙ୍କ ପଛରେ ନମାଜ ଜୋହର୍ ଏବଂ ଅସର୍ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ ହେଲା । ହଜୁର୍ ଅନୁଓ୍ୱରଙ୍କର ଆଗମନ ଦ୍ୱାରା ଏଠାରେ ପ୍ରେମ ଓ ଭାଇଚାରାର ପରିବେଶ ସୃଷ୍ଟି ହୋଇଯାଇଥିଲା । ବିଭିନ୍ନ ଜାତିରେ ଲୋକଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଅବସର ମିଳିଲା । ଅଲ୍ଲାଃ କରନ୍ତୁ ଯେ ହଜୁର୍ ଏହିପରି ବେଲଜିୟମ୍‌କୁ ବାରମ୍ବାର ଆସନ୍ତୁ । ଫଳତଃ ଆମେ ବରକତ୍ ପାଇପାରିବୁ ।

ଆଉ ଜଣେ ମହିଳା ଆଇଶା ମୁଜଫର୍ ସାହିବା ବର୍ଣ୍ଣନା କରି କହୁଛନ୍ତି ଯେ ପ୍ରଥମେ ତ ମୁଁ ବହୁତ ବ୍ୟସ୍ତ ଥିଲି ଯେ ମୁଁ କାହିଁକି ଜର୍ମାନୀର ଜଲସାରେ ସାମିଲ୍ ହୋଇପାରିଲି ନାହିଁ ବୋଲି । ସେଥିଯୋଗୁ ହଜୁର୍ ଅନୁଓ୍ୱରଙ୍କୁ ଦର୍ଶନ ମଧ୍ୟ କରିପାରିଲି ନାହିଁ । କିନ୍ତୁ ଯେତେବେଳେ ମୁଁ ଜାଣିପାରିଲି ଯେ ହଜୁର୍ ଜର୍ମାନୀରୁ ଲଣ୍ଡନ୍ ଫେରିବା ବେଳେ ବେଲଜିୟମ୍‌ରେ ମଧ୍ୟ କିଛି ସମୟ ରହିବେ ସେତେବେଳେ ମୁଁ ଖୁସିରେ ଆତ୍ମହରା ହୋଇଗଲି । ଏହିପରି ମୋତେ ହଜୁର୍ ଅନୁଓ୍ୱରଙ୍କୁ ଦେଖିବା ପାଇଁ ମୌକା ମିଳିଗଲା । ମୋ ପାଇଁ ସବୁଠାରୁ ଖୁସିର କଥା ଏହା ଥିଲା ଯେ ଯେତେବେଳେ ଆମ ପ୍ରିୟ ଆକା ତଲକୁ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ ସେତେବେଳେ ମୁଁ ହଜୁରଙ୍କୁ ଦେଖି ମୋ ଆଖିର ଅଶ୍ରୁକୁ ରୋକି ପାରିଲି ନାହିଁ ।

ତୌଫିକ୍ ଜାମୁଇ ସାହେବ୍, ଯାହାଙ୍କ ସମ୍ପର୍କ ମରାକିଶ୍ ଦେଶ ସହିତ ଅଛି । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ହଜୁର୍ ଅନୁଓ୍ୱରଙ୍କୁ ଦେଖି ମୋତେ ବହୁତ ଖୁସି ଲାଗିଲା ଏବଂ ଆମପାଇଁ ଏହା ବହୁତ ବଡ଼ ସୌଭାଗ୍ୟର କଥା ଥିଲା । ସେହିପରି ହଜୁର୍ ଅନୁଓ୍ୱରଙ୍କ ପଛରେ ନମାଜ ଜୋହର୍ ଏବଂ ଅସର୍ ପଢ଼ିବା ପାଇଁ ସୌଭାଗ୍ୟ ମଧ୍ୟ ମିଳିଲା ।

ଆଉ ଜଣେ ମହିଳା Ghuzlan Albans Alim ସାହିବା ଯାହାଙ୍କର ମଧ୍ୟ ସମ୍ପର୍କ ମରାକିଶ୍ ଦେଶ ସହିତ ଅଛି ଏବଂ ସେ ବେଲଜିୟମ୍‌ରେ ରହୁଛନ୍ତି, ସେ ତାଙ୍କର ବୃଦ୍ଧ ମା'ଙ୍କ ଭାବନାକୁ ନିଜେ ରୂପାନ୍ତରିତ କରି କହୁଛନ୍ତି ମୋ ମା' ୨୦୧୧ ରେ ବୟତ୍ କରିଥିଲେ । ଏବଂ ଏହାପରେ କେବେହେଲେ ମଧ୍ୟ ଜଲସା ସାଲାନା ୟୁ.କେ ରେ ସାମିଲ୍ ହେବାରୁ ବିରତ ହୋଇନାହାଁନ୍ତି । କିନ୍ତୁ ବିଗତ ଦୁଇବର୍ଷ ହେବ ବେମାରୀ ଏବଂ ଦୁର୍ବଳତା ଯୋଗୁଁ ୟୁ.କେ ଓ ଜର୍ମାନୀର ଜଲସାରେ ସାମିଲ୍ ହୋଇପାରୁନାହାନ୍ତି ଏବଂ ତାଙ୍କ ପାଇଁ ଏହା ବହୁତ ବଡ଼ ଦୁଃଖର କଥା ଥିଲା ଯେ ସେ ହଜୁର୍ ଅନୁଓ୍ୱରଙ୍କ ପଛରେ ନମାଜ ପଢ଼ିପାରୁନାହାନ୍ତି । କିନ୍ତୁ ହଜୁର୍ ଅନୁଓ୍ୱରଙ୍କର ଏହି ବେଲଜିୟମ୍‌ର ବାବରକତ୍ ଦୌରା ତାଙ୍କ ପାଇଁ ବହୁତ ବଡ଼ ପୁରସ୍କାର ସ୍ୱରୂପ ଥିଲା ଏବଂ ତାଙ୍କ ପାଇଁ ବହୁତ ଆନନ୍ଦର ଅବସର ଥିଲା । ହଜୁର୍ ଅନୁଓ୍ୱର୍ ମିଶନ୍ ହାଉସ୍‌ରେ ଆଗମନ କରିବା ପୂର୍ବରୁ ମୋ ମା' ମଧ୍ୟ ବାକି ମହିଳାମାନଙ୍କ ସହିତ ଭୀଷଣ ଖରା ଓ ଗରମରେ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ପ୍ରତିକ୍ଷାରେ ଥିଲେ । ହଜୁର୍ ଅନୁଓ୍ୱରଙ୍କର ଗାଡ଼ି ମିସନ୍ ହାଉସ୍‌ରେ ପ୍ରବେଶ କରିବା କ୍ଷଣି ଓ ହଜୁର୍ ଅନୁଓ୍ୱର୍ ନିଜ ଗାଡ଼ିରୁ ଯେତେବେଳେ ବାହାରକୁ ବାହାରିଲେ ସେତେବେଳେ ମୋର ମା' ନିଜର ଅଶ୍ରୁକୁ ରୋକିପାରିଲେ ନାହିଁ । ଏହାପରେ ହଜୁର୍ ଅନୁଓ୍ୱରଙ୍କ ପଛରେ ନମାଜ ଜୋହର୍ ଏବଂ ଅସର୍ ପଢ଼ିବା ପାଇଁ ସୌଭାଗ୍ୟ ପାଇଲେ । ମୋ ମା'ଙ୍କ ପାଇଁ ସବୁଠାରୁ ଅଧିକ ଖୁସିର ଅବସର ସେତେବେଳେ ଥିଲା ଯେତେବେଳେ ହଜୁର୍ ଅଚାନକ ତଲକୁ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ । ସେ ସମୟରେ କିଛି ଲଜ୍‌ନାକୁ ଛାଡ଼ିଦେଲେ ବାକି ସମସ୍ତେ ଖାଇବାରେ ବ୍ୟସ୍ତ ଥିଲେ । ସେଥିଯୋଗୁଁ ମୋ ମା'ଙ୍କୁ ଅତି ନିକଟରୁ ହଜୁରଙ୍କୁ ଦେଖିବା ପାଇଁ ଅବସର ମିଳିଗଲା । ହଜୁର୍ ଅନୁଓ୍ୱର୍ ସେଠାରେ ଉପସ୍ଥିତ ଥିବା ଜଣେ ଲଜ୍‌ନାଙ୍କ ଠାରୁ ମୋ ମା'ଙ୍କ ବିଷୟରେ ପଚାରି ବୁଝିଲେ । ସେ ହଜୁର୍ ଅନୁଓ୍ୱରଙ୍କୁ ବତାଇଲେ ଯେ ହଜୁର୍ ସେହି ମହିଳା ଜଣକ ପ୍ରତ୍ୟେକ ବର୍ଷ ଜଲସାସାଲାନା ୟୁ.କେ ରେ ସାମିଲ୍ ହୋଇଛନ୍ତି ଓ ଆପଣଙ୍କ ସହିତ ଦେଖା କରିବାର କୌଣସି ସୁଯୋଗକୁ ହାତଛଡ଼ା କରୁନାହାଁନ୍ତି କିନ୍ତୁ ଦଇବର୍ଷ ହେବ ବହୁତ ବେମାର ହୋଇଯିବା ଯୋଗୁ ଜଲସା ଇତ୍ୟାଦି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇପାରୁନାହାଁନ୍ତି । ବର୍ତମାନ ସେ ଆପଣଙ୍କ ଠାରୁ ଦୁଆ କରାଇବା ପାଇଁ ଦରଖାସ୍ତ କରୁଛନ୍ତି । ଏହା ଶୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ "ମୁଁ" ତାଙ୍କୁ ଜାଣିଛି । ମୋ ମା'ଙ୍କ ପାଇଁ ଏହା ବହୁତ ବଡ଼ ବରକତ୍ ଏବଂ ଖୁସିର ମୌକା ଥିଲା ଏବଂ ହଜୁର୍ ଅନୁଓ୍ୱରଙ୍କର ଏଠାରେ ଅଳ୍ପ ସମୟ ରହଣି, ମୋ ମା'ଙ୍କ ପାଇଁ ଏ ଦୃଷ୍ଟିରୁ ବହୁତ ବାବରକତ୍ ଥିଲା ଯେ ତାଙ୍କୁ ଏଠାରେ ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ ଓ ଦୁଆର ଦରଖାସ୍ତ କରିବା ପାଇଁ ଅବସର ମିଳିଗଲା ।

ଜିବ୍‌ରିଲ୍ ତୋରେ ସାହେବ୍ ଯାହାଙ୍କର ସମ୍ପର୍କ ଆଇଭରି କୋଷ୍ଟ୍ ସହିତ ଅଛି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ହଜୁରଙ୍କ ଦର୍ଶନ କରିବା ଦ୍ୱାରା ଆମକୁ ବହୁତ ଖୁସି ଲାଗିଲା । ହଜୁରଙ୍କ ପଛରେ ନମାଜ ମଧ୍ୟ ପଢ଼ିଲୁ । ଫଳତଃ ଆମ ଭିତରେ ଗୋଟିଏ ଆଧ୍ୟାତ୍ମିକ ଉତ୍ସାହ ସୃଷ୍ଟି ହେଲା । ଅଲ୍ଲାଃଙ୍କ କୃପାରୁ ଏହି ସବୁ ମୌକା ଦ୍ୱାରା ଆମକୁ ବହୁତ ଲାଭ ଉଠାଇବା ଉଚିତ୍ । ହଜୁରଙ୍କୁ ଦେଖିବା ପରେ ଏକ ପ୍ରକାର ଆତ୍ମସନ୍ତୋଷ ଲାଭ ହେଉଛି । ସେଥିପାଇଁ ହଜୁରଙ୍କ ପଛରେ ନମାଜ ପଢ଼ିବା ବହୁତ ଲାଭଜନକ ଓ ଆଧ୍ୟାତ୍ମିକତାକୁ ଉଭାରିବା ପାଇଁ ଅବସର ହୋଇଥାଏ ।

ମୁସା ହସନ୍ ସାହେବ । ଯାହାଙ୍କର ସମ୍ପର୍କ ଘାନା ଦେଶ ସହିତ ଅଛି । ସେ ନିଜ ଭାବନାକୁ ବ୍ୟକ୍ତ କରି କହିଲେ- ଅଲ୍‌ହମ୍‌ଦୋଲିଲ୍ଲାଃ । ଆମକୁ ହଜୁର୍ ଅନୁଓ୍ୱରଙ୍କର ଆଗମନ ଦ୍ୱାରା ବହୁତ ଖୁସି ଲାଗିଲା ଏବଂ ଆମେ ଆମର ପ୍ରତ୍ୟେକ କାରବାରକୁ ଛାଡ଼ି ହଜୁର୍ ଅନୁଓ୍ୱରଙ୍କ ଦର୍ଶନ ନିମନ୍ତେ ଏଠାରେ ଆଜି ଏକତ୍ରିତ ହୋଇଅଛୁ । ହଜୁର୍ ଅନୁଓ୍ୱରଙ୍କ ଏଠାରେ ଉପସ୍ଥିତି ହେବାଦ୍ୱାରା ଆମେ ଅହେମଦୀମାନେ ଆମ ପ୍ରିୟ ଖଲିଫାଙ୍କ ଠାରୁ ବରକତ୍ ହାସଲ କରୁଅଛୁ । ମୁଁ ମୋ ଆନନ୍ଦକୁ ପ୍ରକାଶ କରିବା ପାଇଁ କୌଣସି ଶବ୍ଦ ପାଇପାରୁନାହିଁ ।

ଉସ୍‌ମାନ୍ ମାତି ସାହେବ୍ । ଯାହାଙ୍କର ସମ୍ବନ୍ଧ ନାଇଜେରିଆ ଦେଶ ସହିତ ଅଛି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ମୁଁ ଅଲ୍ଲାଃତାଲାଙ୍କ ନିକଟରେ ବହୁତ କୃତଜ୍ଞ ଯେ ହଜୁରଙ୍କର ଆଗମନ ଆମ ସମସ୍ତଙ୍କ ପାଇଁ ଏକ ବହୁତ ବଡ଼ ନେମତ୍(ପୁରସ୍କାର) ଥିଲା । ଆମ ସମସ୍ତଙ୍କୁ ହଜୁର୍ ଅନୁଓ୍ୱରଙ୍କ ପଛରେ ଜୋହର୍ ଏବଂ ଅସର୍ ନମାଜ ପଢ଼ିବା ପାଇଁ ଅବସର ମିଳିଲା । ଆମେ ସମସ୍ତେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିଚାଲିବା ଉଚିତ୍ ଯେ ସେ ଆମକୁ ସର୍ବଦା ସିଧା ରାସ୍ତାରେ ପରିଚାଳିତ କରିଚାଲୁ ଏବଂ ଆମ ଇମାନ୍ ପାଇଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଦୁଆ ଅଟେ । ଆମର ସବୁକିଛି ହେଉଛି ନମାଜ ଏବଂ ଏହାଦ୍ୱାରା ଆମେ ଆମର ପାଳନକର୍ତାଙ୍କ ଶରଣରେ ଆସିପାରିବା । ଏବଂ ତା କରୁଣାର ବୃଷ୍ଟିକୁ ହାସଲ କରିବା ବାଲା ହୋଇପାରିବା । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ନିଜର କରୁଣା ପ୍ରଦାନ କରିଚାଲନ୍ତୁ ।

ମୋକରମ୍ ହାଫିଜ୍ ଏହ୍‌ସାନ୍ ସିକନ୍ଦର ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ବେଲଜିୟମ୍ ବର୍ଣ୍ଣନା କରି କହୁଛନ୍ତି ଯେ- ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବର୍ତମାନ ନୌମୁବାଇନ୍ ମାନେ ଯମାତ୍‌ର କର୍ମଠ ଅଂଶ ହୋଇଗଲେଣି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଗସ୍ତର ପ୍ରସ୍ତୁତି ନିମନ୍ତେ ସେମାନେ ମଧ୍ୟ ବହୁତ ବଢ଼ି ଚଢ଼ି କରି ଓକାରେ ଅମଲ୍‌ରେ ଭାଗ ନେଇଛନ୍ତି । ଯେତେବେଳେ ଆମେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ କାଫିଲାକୁ ଫ୍ରାନ୍‌ସର ବନ୍ଦର Calais ରୁ ବିଦାୟ ଦେବା ପରେ ପାଖାପାଖି ୮ ଟା ସମୟରେ ମିସନ୍ ହାଉସ୍‌ରେ ଫେରି ପହଂଚିଲୁ ସେତେବେଳେ ଆମେ ଦେଖିଲୁ ଯେ ସବୁ ଖୁଦାମ୍ ଓକାରେ ଅମଲ୍ ଶେଷ କରିସାରିଛନ୍ତି । ଏବଂ ଚାରିଜଣ ନୌମୁବାଇନ୍ ମିସନ୍ ହାଉସ୍‌ଠାରେ ଆମର ପ୍ରତିକ୍ଷା କରୁଥିଲେ । ସେମାନେ କହିବାକୁ ଲାଗିଲେ ଯେ ଆପଣମାନଙ୍କୁ ଏଥିପାଇଁ ପ୍ରତିକ୍ଷା କରିଥିଲୁ ଯେ ଆପଣ ଫେରି ଆସନ୍ତୁ ଏବଂ ଆମକୁ ହଜୁର ଅନୁଓ୍ୱରଙ୍କ ତବରୁକ୍ ଦିଅନ୍ତୁ । ସେମାନଙ୍କ ଭିତରୁ ଜଣେ ନୌମୁବାଇନ୍ ସେହି ବୋତଲ୍‌କୁ ନେଇଗଲେ, ଯେଉଁ ବୋତଲରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାଣି ପିଇଥିଲେ । ଏବଂ କହିଲେ ଯେ ମୁଁ ଏହାକୁ ମଧ୍ୟ ବରକତ୍ ପାଇବା ପାଇଁ ନିଜ ପାଖରେ ସମ୍ଭାଳି କରି ରଖିବି । ଏହିପରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ଏହି ଅତ୍ୟନ୍ତ ବାବରକତ୍ ଦୌରା ଅଲ୍ଲାଃତାଲାଙ୍କର ଅଶେଷ ଫଜଲ୍ ଓ ବରକତ୍‌କୁ ସାଥିରେ ନେଇ ମହାନ୍ ସଫଳତାର ସହିତ ପରିସମାପ୍ତି ଘଟିଲା ।

ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକା ।

※※※ ※※※ ※※※

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 30 NOV 2017 Issue No. 48

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

## (ବଲକା ରିପୋର୍ଟ ୨୮ଅଗଷ୍ଟ୨୦୧୭) ବିଭିନ୍ନ ଦେଶରୁ ଆସିଥିବା ୱଫଦ୍ (Delegation) ଙ୍କ ସହିତ ହଜୁର୍ ଅନୁୱର୍‌ଙ୍କ ସାକ୍ଷାତ୍‌କାରର

### ମେସିଡୋନିଆ

ଏହାପରେ ପ୍ରୋଗ୍ରାମ୍ ମୁତାବକ ମେସିଡୋନିଆ ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏବର୍ଷ ମେସିଡୋନିଆରୁ ୬୫ ଜଣ ଲୋକ ବିଶିଷ୍ଟ ୱଫଦ୍ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ୍ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୨ ଜଣ ଇସାଇ ବନ୍ଧୁ, ୨୩ ଜଣ ଅହେମଦୀ ଏବଂ ୧୦ ଜଣ ଗଏର୍ ଅହେମଦୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ଜଲ୍‌ସାର ଶେଷ ଦିନ ବୟତ୍ କରିବା ଗୌରବ ଅର୍ଜନ କଲେ । ଏମାନଙ୍କ ଭିତରୁ ଏକ ବହୁତ ବଡ ସଂଖ୍ୟା ମେସିଡୋନିଆରୁ ଜର୍ମାନୀ ପର୍ଯ୍ୟନ୍ତ ପାଖାପାଖି ୨୦୦୦ କି.ମି. ବସ୍‌ରେ ୪୨ ଘଂଟା ଯାତ୍ରା ସମ୍ପୂର୍ଣ୍ଣ କରି ଆସିଛନ୍ତି । ଏହି ୱଫଦ୍‌ରେ ୪ଟି ଭିନ୍ନ ଭିନ୍ନ ଟେଲିଭିଜନ୍‌ର ୫ଜଣ ସାମ୍ବାଦିକ ମଧ୍ୟ ସାମିଲ୍ ହୋଇଥିଲେ । ଯେଉଁମାନଙ୍କ ଭିତରୁ ୩ଟି ଭିନ୍ନ ଭିନ୍ନ ସ୍ଥାନୀୟ ଟେଲିଭିଜନ୍‌ର ପ୍ରତିନିଧି ଥିଲେ । ଜଣେ ନ୍ୟାସ୍‌ନାଲ୍ ଟେଲିଭିଜନ୍‌ର ସାମ୍ବାଦିକ ଥିଲେ, ଯିଏ ହଜୁର୍ ଅନୁୱର୍‌ରଙ୍କ ପ୍ରେସ୍ କନ୍‌ଫରେନ୍‌ସରେ ପ୍ରଶ୍ନ ବି ପଚାରିଥିଲେ । ସାମ୍ବାଦିକମାନେ ଜଲ୍‌ସା ସାଲାନା ସମୟରେ ରେକର୍ଡିଂଗ୍ ମଧ୍ୟ କରୁଥିଲେ ଓ ଅଗଷ୍ଟ ୨୮ ତାରିଖରୁ ଯେତେବେଳେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର ହେଲା ସେ ସମୟରେ ମଧ୍ୟ ସେମାନେ ରେକର୍ଡିଂଗ୍ କଲେ ଯାହାର ଡକୁମେଂଟାରୀ ସେ ପରେ ଦେଖାଇଲେ ।

ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ମହିଳା ପ୍ରଶ୍ନ କଲେ ଯେ ଯେତେବେଳେ ସନ୍ତ୍ରାସ୍‌ବାଦୀମାନେ ଆକ୍ରମଣ କରୁଛନ୍ତି ସେତେବେଳେ ଖୁଦାଙ୍କ ନାମକୁ କାହିଁକି ବ୍ୟବହାର କରୁଛନ୍ତି ? ଏହାର ଉତରରେ ହଜୁର୍ ଅନୁୱର୍ କହିଲେ ସେମାନେ ସମ୍ପୂର୍ଣ୍ଣ ଭୁଲ୍ କରୁଛନ୍ତି ଏବଂ ଭୁଲ୍ କାମ ପାଇଁ ଖୁଦାଙ୍କ ନାମକୁ ବ୍ୟବହାର କରୁଛନ୍ତି । ଖୁଦାତାଲା କହୁଛନ୍ତି ଯେ ଏପରି କରିବା ଲୋକକୁ ମୁଁ ଦଣ୍ଡ ଦେବି । ଯଦି ଦୁନିଆରେ ବି ନଦିଏ ତେବେ ପରକାଳରେ ନିଶ୍ଚିତ ଦେବି । ଯନ୍ନତ୍(ସ୍ୱର୍ଗ) ପରିବର୍ତେ ଯହନ୍ନନ୍ (ନର୍କ) ରେ ଏହିପରି ଲୋକମାନଙ୍କୁ ମୁଁ ପକାଇବି । ଖୁଦାତାଲା ତ କହୁଛନ୍ତି ଲୋକମାନଙ୍କର ଜୀବନକୁ ବିନା କାରଣରେ ନଷ୍ଟ ନ କରାଯାଉ । ପିଲାମାନଙ୍କଠାରୁ ତାଙ୍କ ମା’ ବାପାଙ୍କୁ ଛେଉଣ୍ଡ ନ କରିଦିଆଯାଉ । ନିଷ୍ପାପ ଲୋକକୁ ନ ମରାଯାଉ । ସୁତରାଂ ଖୁଦାତାଲା ତ ଏପରି ଅତ୍ୟାଚାର ଚାହୁଁନାହାଁନ୍ତି । ଯଦି ଏପରି କିଏ ଚାହୁଁଛି ତାହାକୁ ନିଶ୍ଚିତ ରୂପେ ଦଣ୍ଡ ମିଳିବ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜଣେ ଫ୍ରେନ୍‌ଚ୍ ଜର୍ନାଲିଷ୍ଟ୍ ଯେତେବେଳେ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଭିତରୁ ଜଣକୁ ପଚାରିଲେ-ତୁମେ ଯାହା କିଛି କରୁଛି ତାହା କଣ ଇସ୍‌ଲାମ୍ ନିର୍ଦ୍ଦେଶ ଦେଇଛି ? ସେ ଉତର ଦେଲା ମୁଁ ତ କୋରାନ୍ ପଢ଼ିନାହିଁ ବା ମୋତେ ଇସ୍‌ଲାମ୍‌ର କୌଣସି ଶିକ୍ଷା ମାଲୁମ୍ ନାହିଁ । ଆମେ ତ ସେଇଆ କରୁଛୁ ଯାହାକୁ ଆମର ଲିଡର୍‌ମାନେ କରିବା ପାଇଁ ଆମକୁ ନିର୍ଦ୍ଦେଶ ଦେଉଛନ୍ତି । ବାକି ଇସ୍‌ଲାମ୍‌ର ଶିକ୍ଷା ଆମେ ଜାଣିନାହୁଁ । ଏହା ହେଉଛି ସେମାନଙ୍କର ଇସ୍‌ଲାମ୍ ଏବଂ ଏହା ହେଉଛି ସେମାନଙ୍କର ଜ୍ଞାନ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁସଲ୍‌ମାନଙ୍କ ପାଇଁ ଦୁଇଟି ଜିନିଷର ଆବଶ୍ୟକତା ଅଛି । ପ୍ରଥମଟି ହେଉଛି ଖୁଦାତାଲାଙ୍କ ହକ୍‌କୁ ପ୍ରଦାନ କରିବା ଏବଂ ଦ୍ୱିତୀୟଟି ହେଉଛି ଖୁଦାତାଲାଙ୍କର ମଖଲୁକ୍(ପ୍ରାଣୀ)ଙ୍କ ହକ୍‌କୁ ପ୍ରଦାନ କରିବା । ଯଦି ଏହି ଦୁଇଟି ଜିନିଷ ଜାରି ରହିବ ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ମେସିଡୋନିଆର ସହର Beravo ରୁ ଆସିଥିବା ଜଣେ ଅତିଥି ବିଲାଗଷ୍ଟା ଟ୍ରେଂଚୁସ୍କା ଯିଏ ପେଶାରେ ଜଣେ ଓକିଲ ଅଟନ୍ତି, ସେ ନିଜର ଭାବନାକୁ ବ୍ୟକ୍ତି କରି କହିଲେ ମୁଁ ଏ ଜଲ୍‌ସାରେ ପ୍ରଥମ ଥର ପାଇଁ ସାମିଲ୍ ହୋଇଛି । ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ବ୍ୟବସ୍ଥା ବହୁତ ଭଲ ଥିଲା । କୌଣସି ପ୍ରକାର ଅଭାବ ପରିଲକ୍ଷିତ ହେଉନଥିଲା । ହଜୁର୍ ଅନୁୱର୍‌ଙ୍କର ଅଭିଭାଷଣ ମୋ ଉପରେ ବହୁତ ଗଭୀର ପ୍ରଭାବ ପକାଇଲା ଏବଂ ଆପଣଙ୍କ ଅଭିଭାଷଣରୁ ମୁଁ ଜାଣିପାରିଲି ଯେ ଅସଲ ଅର୍ଥ ହେଉଛି ଶାନ୍ତି, ଯୁଦ୍ଧ ନୁହେଁ । ପ୍ରକୃତରେ ଇସ୍‌ଲାମ୍ ଲୋକମାନଙ୍କୁ ଜୀବନର ଗୁରୁତ୍ୱପୂର୍ଣ୍ଣ ମାର୍ଗ ଏବଂ ମୂଳକଥା ଗୁଡିକୁ ଶିଖାଇଥାଏ ଯେ କିପରି ଗୋଟିଏ ସ୍ୱାସ୍ଥ୍ୟକର ଓ ଉତମ ସମାଜର ସ୍ଥାପନ କରାଯାଇପାରିବ । ଇସ୍‌ଲାମ୍ ବାସ୍ତବରେ ଏହା ଶିଖାଉଛି ଯେ କିପରି ପୁଣ୍ୟର ଜୟ ହେବ ଏବଂ ମନ୍ଦ କାର୍ଯ୍ୟର ପରାଜୟ ହେବ । ଯଦି ଆମେ ସମସ୍ତେ ହଜୁର୍ ଅନୁୱର୍‌ଙ୍କର ଏହି ଶବ୍ଦ ଉପରେ ଅମଲ କରିବା ତେବେ ଏ ଦୁନିଆ ପୁଣି ବିନା ଯୁଦ୍ଧରେ ଶାନ୍ତି ଓ ପ୍ରେମରେ ପରିପୂର୍ଣ୍ଣ ହୋଇଯିବ । ଏବଂ ଅସଲରେ ଏହି ଶିକ୍ଷା ହିଁ ପ୍ରତ୍ୟେକ ଧର୍ମର ମୂଳଶିକ୍ଷା ଅଟେ ।

ହଜୁର୍ ଅନୁୱର୍ ନିଜର ଅଭିଭାଷଣରେ କହିଲେ ଯେ କେବଳ ପାତ୍ର ସଫା ହେବା ଉଚିତ୍ ନୁହେଁ ବରଂ ସେହି ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟକର ହେବା ଉଚିତ୍ ଯାହା ସେହି ପାତ୍ରରେ ରଖାହୋଇଥାଏ । ମୋ ମତରେ ହଜୁର୍ ଅନୁୱର୍ ଆମକୁ ଏହା ବୁଝାଇବାକୁ ଚାହୁଁଛନ୍ତି ଯେ ଆମର କାର୍ଯ୍ୟ ଗୁଡିକ କେବଳ କାର୍ଯ୍ୟରେ ସିମୀତ ନରହୁ ବରଂ ପୁଣ୍ୟ କାର୍ଯ୍ୟ ହେଉ । ଏହିପରି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଇସ୍‌ଲାମ୍‌ରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ସମାନ ଅଧିକାର ଦିଆଯାଇଛି । ଏହା ପୂର୍ବରୁ ମୁଁ ଭାବୁଥିଲି ଯେ ଇସ୍‌ଲାମ୍ ସ୍ତ୍ରୀ ମାନଙ୍କୁ କୌଣସି ହକ୍ ଦିଏନାହିଁ ବୋଲି । କିନ୍ତୁ ମୁଁ ହଜୁର୍ ଅନୁୱର୍‌ଙ୍କ ଠାରୁ ଏହା ମଧ୍ୟ ଶିଖିଲି ଯେ ମହିଳାମାନେ ପିଲାଙ୍କ ଶିକ୍ଷା ଓ ତର୍‌ବିୟତ ବାବଦରେ ଦାୟିତ୍ୱ ତୁଲାଇଥାନ୍ତି । ସେମାନଙ୍କର କାର୍ଯ୍ୟକଳାପ ଏଥିଯୋଗୁ ବହୁତ ଗୁରୁତ୍ୱପୂର୍ଣ୍ଣ । ସଂକ୍ଷିପ୍ତରେ ମୁଁ ଏପରି କହିପାରିବି ଯେ ମହିଳାମାନେ ନିଜ ବସାର ଧ୍ୟାନ ରଖିଥାନ୍ତି ଏବଂ ସ୍ୱାମୀମାନେ ବସା (ଫ୍ୟାମିଲି)ର ସୁରକ୍ଷା କରିଥାନ୍ତି । ମୁଁ ଭାବୁଛି ଯେ ସ୍ୱାମୀ ଫ୍ୟାମିଲିର ଯଦି ମୁଣ୍ଡ ହୁଏ ତେବେ ସ୍ତ୍ରୀ ଫ୍ୟାମିଲିର ବେକ । ଦୁଇଟି ଯାକ ଜଣେ ଅନ୍ୟଜଣଙ୍କ ବ୍ୟତୀତ ତିଷ୍ଠି ପାରିବ ନାହିଁ । ପୁଣି ସେ କହିଲେ- ଇମାମ୍ ଯମାତ୍ ଅହେମଦୀୟାଙ୍କ ନମାଜ ମଧ୍ୟ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ସେହିପରି ବୟତ୍‌ର ମଧ୍ୟ ଗଭୀର ପ୍ରଭାବ ପଡ଼ିଛି । ଏପରି ଲାଗୁଥିଲା ଯେପରି ସମୟ ଅଟକି ଯାଇଛି । ଚାରିଆଡ଼େ ଲୋକ ହିଁ ଲୋକ ଥିଲେ ଯେଉଁମାନେ ଏହି ସୁନ୍ଦର କ୍ଷଣରୁ ବଂଚିତ ହେବାକୁ ଚାହୁଁନଥିଲେ । ସବୁ ରାସ୍ତା ଗୁଡିକ ଗୋଟିଏ ଦିଗ ଆଡକୁ ଯାଉଥିଲେ ଯେଉଁଠି ଇମାମ୍ ଯମାତ୍ ଅହେମଦୀୟ ବସିଥିଲେ । ସେ ସମୟରେ ଜଲ୍‌ସାଗାଃର ବାହାର ସ୍ଥାନଟି ଏପରି ଲାଗୁଥିଲା ଯେପରି ମରୁଭୂମି । ଜଣେ ମଧ୍ୟ ବାହାରେ ଉପସ୍ଥିତ ନଥିଲେ । ମୁଁ ଏ ଜଲ୍‌ସା ସମୟରେ ଇସ୍‌ଲାମ୍ ବାବଦରେ ଥିବା ମୋର ଜ୍ଞାନକୁ ଆହୁରି ଅଧିକା କରିବାର ସୁଯୋଗ ପାଇଲି । ହୋଇପାରେ ଶବ୍ଦଗୁଡିକ ମନରୁ ଅପସରି ଯାଇପାରେ । କିନ୍ତୁ ଏବେ ଇସ୍‌ଲାମ୍‌ର ଯେଉଁ ଛବି ମୋ ମନରେ ଛାପି ହୋଇଯାଇଛି ତାହ ସବୁଦିନ ପାଇଁ କାଏମ୍ ରହିବ । ଯେତେବେଳେ ଆମର ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର ହେଲା, ଏହା ମୋ ପାଇଁ ପ୍ରଥମ ଅବସର ଥିଲା ଯେ ମୁଁ ହଜୁର୍ ଅନୁୱର୍‌ଙ୍କୁ ପାଖରୁ ଦେଖିପାରୁନଥିଲି । ଏହି ସାକ୍ଷାତ୍‌କାର ଦ୍ୱାରା ଜଲ୍‌ସାସାଲାନାର ଛବିରେ ରଙ୍ଗ ଭରିଦେଲା । ମୋତେ ଏହି ମହାନ୍ ବ୍ୟକ୍ତି ଙ୍କ ନିକଟରେ ପରିଚୟ ଦେବାର ଅବସର ମିଳିଲା ଯାହାଙ୍କ ଅଭିଭାଷଣକୁ ପ୍ରତ୍ୟେକ ବ୍ୟକ୍ତି ଏହି ଦିନ ଗୁଡିକରେ ଆତ୍ମବିହୋଳ ହୋଇ ଶୁଣିଲେ । ମୋ ଉପରେ ସବୁଠାରୁ ଅଧିକ ଖଲିଫତୁଲ୍ ମସିହଙ୍କର ସାଧାସିଧା ଶୈଳୀର ପ୍ରଭାବ ପଡ଼ିଲା । ତାଙ୍କର ଶୈଳୀରୁ ଏପରି ଅନୁଭବ ହେଉଥିଲା ଯେ ସେ ସାଧାରଣ ଲୋକଙ୍କର

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan